ଆଦିବାସୀ ଭାଷା ଅଧ୍ୟୟନମାଳା

Tribal Language Study Series
Volume : I

# ଡିଡାୟୀ

# DIDAYI

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗ
ଓଡ଼ିଶା ସରକାର

**ACADEMY OF TRIBAL DIALECTS & CULTURE**
HARIJAN & TRIBAL WELFARE DEPARTMENT
Government of Orissa

# ଉଡାୟୀ

( ବ୍ୟାକରଣ, ରଚନାବଳୀ, ଶବ୍ଦକୋଷ )

[illegible]


ଅଧ୍ୟାପିକା ପ୍ରମୋଦା କୁମାରୀ ପଣ୍ଡା


ସୂଚକ


ଶ୍ରୀ - ଡୋବେକ ପୂଜାରୀ


ନିର୍ଦ୍ଦେଶନା


ଶ୍ରୀ ଖଗେଶ୍ୱର ମହାପାତ୍ର



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଭୁବନେଶ୍ୱର

୧୯୮୯

# DIDAYI

Compilation : Pramoda Kumari Panda

Informant : Dobek Pujari

Supervisor : Khageswar Mahapatra

**Academy of Tribal Dialects & Culture**

**Harijan & Tribal Welfare Department, Government of Orissa**

Adibasi Ground, Bhubaneswar-751009

1989

Price : Rupees Sixty only

Printed at Archana Press, Cuttack

# PREFACE

It is now generally believed that perhaps the oldest "people" to have settled in India were the Negritoes who as an ethnic group have almost died out leaving only little traces here and there among the tribal people of India. However, their language survives even today in the Andaman Islands. The race which followed them into India were the Proto-Australoids who were speakers of the primitive dialects from which have originated the languages of the Austric speech-family. Indian Austric languages (with the Mon and the Khmer of Burma and Indo-China and admixture of the Austro-Asiatic branch) are broadly of three different groups : (1) the Kol or Munda group including Santali, Mundari, Ho, Kharia, Bhumij, Korku, Saora and Gadaba; (2) the Khasi in Assam, and (3) the Nicobarese.

Following the Austric we had the Dravidian speakers who came and settled down in different parts of the country. The most important "uncultivated" Dravidian languages are Gondi spoken by the Gonds, Kui the mother-tongue of the Khonds and Kurukh which is the speech of the Oraons.

In the time sequence, the next group of "peoples" who came to India were the Sino-Tibetan or Tibeto-Chinese speakers belonging to the Mongoloid race. The peoples of this race are now confined to North-Eastern areas of the country. They are conspicuous by their absence in Central India among the Austric-speaking people. Then came the Indo-European Aryans who had developed their language and culture in the European tracts and migrated to India via Iran. The Aryan speech came in various waves from the west and it spread over the Indo-Gangetic plains, the Dravidian and the Austric speaking groups receding before it. Gradually the whole of North India including Assam and a good deal of Southern India became Aryan in speech and language.

These different waves of speech have thus intermingled in the culture and civilisation of India. When the Dravidian speakers spread over Western and Southern India and penetrated into Gangetic valley, they came into contact with the Austric speakers who were often hostile and sometimes friendly. These two groups laid the fundamental base of Hindu religion and civilisation. When the Aryans came and spread over northern India the speakers of both Dravidian and Austric languages accepted the language of the Aryans and three groups of different language communities—the Austric, the Dravidian and the Aryan—were fused into one people.

The study of language is a matter of great importance. It not only reflects the cultural heritage of peoples but also the ethos and the value-systems of different communities.

Language is not only the basis of social communication. It also shapes our attitudes, our behaviour patterns and even our psyche. It is the mechanism through which we articulate ourselves and gain foothold on reality. It is what gives meaning, direction and significance to economic development, culture and ethics.

Orissa's population has about 23 % of tribal communities having languages of their own. Although most of the tribal people understand Oriya language to various extent, they speak their own languages at home. A detailed study of the tribal languages is important not merely for linguists or language-researchers but anthropologists, planners and administrators.

It has, however, to be remembered that a living language grows with the people and their life-styles. No language can be supported and preserved merely by external stimuli or support. It is true Government should remove any obstacle to the free development of languages but when the languages have mostly no scripts it presents an added problem. However, it is in the interest of all concerned to initiate study of the languages of the tribal groups and document them as far as possible.

The tribal children studying in primary schools do find it difficult to grasp the contents of the text books written in Oriya. Primers containing topics related to the habitat of the tribal communities and their cultural aspects and written in tribal language in Oriya script may help to an extent to not only create interest among the tribal children for education but also minimise the problems of drop-out and stagnation. Moreover, the tribal languages and their users face the challenge of the impact of regional languages by which they are encysted. With this the rich folklores, myths and oral literatures may slowly disintegrate. By all means, therefore, the decay of tribal languages should be stopped. Keeping this in view, a series of publications on the tribal languages of Orissa has been planned. The first five volumes now being published are devoted to Kui, Soura, Didayi, Kisan and Oraon languages. These were worked out by five language researchers who were engaged for the purpose under the general supervision of Dr. K. Mahapatra, Professor, Department of Oriya, Shantiniketan. I want to thank all of them on behalf of the Department of Harijan & Tribal Welfare, Government of Orissa.

I hope it would be possible to bring out more volumes in this series so that a definitive view on Orissa's rich repertoire of Tribal Languages is made possible.

Bhubaneswar

Date : August 15, 1987

SITAKANT MAHAPATRA

# ଭୂମିକା

ଓଡ଼ିଶା ସରକାରଙ୍କ ହରିଜନ ଓ ଆଦିବାସୀ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ପକ୍ଷରୁ ଆଦିବାସୀ ଭାଷା ଶିକ୍ଷା ନିମନ୍ତେ ମାଧ୍ୟମ ପୁସ୍ତିକା ପ୍ରସ୍ତୁତ କରିବାକୁ ଏକ ପ୍ରକଳ୍ପ ଗ୍ରହଣ କରାଯାଇଛି । ତଦନୁସାରେ ପ୍ରଥମ ପର୍ଯ୍ୟାୟରେ କୁଇ, ସଉରା, ଓରାଓଁ, ମୁଣ୍ଡାରୀ ଓ ଉତାମୁ ଭାଷା ବିଷୟରେ ନିମ୍ନଲିଖିତ ଧରଣର ପୁସ୍ତିକା ପାଇଁ ଉପାଦାନ ସଂଗ୍ରହ କରାଯାଇଛି ।

୧ । ବ୍ୟାକରଣ

୨ । ରଚନା (ଗଳ୍ପ, ପ୍ରବନ୍ଧ, ଗୀତ, କଥୋପକଥନ ଇତ୍ୟାଦି)

୩ । ଶବ୍ଦକୋଷ : (କ) ଆଦିବାସୀ ଭାଷା – ଓଡ଼ିଆ/ଇଂରାଜୀ

(ଖ) ଓଡ଼ିଆ – ଆଦିବାସୀ ଭାଷା

(ଗ) ଇଂରାଜୀ – ଆଦିବାସୀ ଭାଷା

ଏହି ପୁସ୍ତିକାଗୁଡ଼ିକ ଶିକ୍ଷାର୍ଥୀମାନଙ୍କ ଭାଷା ଶିକ୍ଷା ନିମନ୍ତେ ସରଳ ଭାବରେ ଲେଖାଯାଇଛି । ଏହା ଉଭୟ ଆଦିବାସୀ ଏବଂ ଅଣ-ଆଦିବାସୀ ଲୋକଙ୍କ ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ ।

ପ୍ରସ୍ତୁତ 'ଉତାମୁ' ଭାଷା ବିଷୟକ ପୁସ୍ତିକାର ଉପାଦାନ ସଂଗ୍ରହ ଓ ସଜାଡ଼ିବା ପ୍ରସଙ୍ଗରେ କଲେଜର ଅଧ୍ୟାପିକା ପ୍ରମୋଦା କୁମାରୀ ପଣ୍ଡା, ପରବର୍ତ୍ତୀ ସମୟରେ କଲେଜର ଅଧ୍ୟାପକ ସହାୟକ ମହାପାତ୍ର ଏବଂ ଏ ଦିଗରେ ଆମର ପ୍ରଧାନ ଆଦିବାସୀ ଭାଷା-ବିଶାରଦ ଦେବୀଙ୍କୁ ଗୋଟିଏ ସହାୟ । ଏଥିପାଇଁ ଏମାନେ ଆମର ଧନ୍ୟବାଦାର୍ହ ।

ଆଶା କରାଯାଏ ଯେ, ଏହା ଅନେକ ଲୋକଙ୍କର ଦୈନନ୍ଦିନ ବ୍ୟବହାରରେ ଲାଗିବ ଏବଂ ଏହି ପ୍ରକଳ୍ପର ଉଦ୍ଦେଶ୍ୟ ସାର୍ଥକ ହେବ ।

ଏହିପରି ଏକ ଉପଯୋଗୀ ପ୍ରକଳ୍ପର ଗୁରୁତ୍ୱ ଅନୁଧ୍ୟାନ କରି ଏକାଡେମୀର ପରିଚାଳନା ସମିତିର ସଭାପତି, ଉପସଭାପତି, ସଦସ୍ୟ ଏବଂ ଅନ୍ୟ ବ୍ୟକ୍ତିମାନଙ୍କ ନିକଟରେ ଋଣୀ ରହିଲି । ଏହି ପ୍ରକଳ୍ପର ଅନ୍ୟତମ ପରାମର୍ଶଦାତା ହିସାବରେ ଡଃ ଶିବାନନ୍ଦ ପଟ୍ଟନାୟକଙ୍କ ସହଯୋଗିତା ଆମର ଏକାନ୍ତ ସ୍ମରଣୀୟ ।

ଶାନ୍ତିନିକେତନ
୧ । ୧ । ୧୯୮୭

ଖଗେଶ୍ୱର ମହାପାତ୍ର
ନିର୍ଦ୍ଦେଶକ

# ସୂଚନା

ଏହି ପୁସ୍ତିକାରେ ଉତାୟୀ ଭାଷାର କଥାଗୁଡ଼ିକ ରୋମାନ୍ ଲିପିଭିତ୍ତିକ ଅନ୍ତର୍ଜାତିକ ଧ୍ୱନିତାତ୍ତ୍ୱିକ ଲିପି (I.P.A.) ମାଧ୍ୟମରେ ଉଲ୍ଲେଖ କରାଯାଇଛି । ଉତାୟୀ ଭାଷାର ଉଚ୍ଚାରଣ ବୈଶିଷ୍ଟ୍ୟ ଧରିପାରିବା ନିମନ୍ତେ 'ବ୍ୟାକରଣ' ଅନ୍ତର୍ଗତ 'ଧ୍ୱନିତତ୍ତ୍ୱ' ଅନୁଚ୍ଛେଦଟି ଅନୁସରଣୀୟ । ଅବଶ୍ୟ ଉଚ୍ଚାରଣଗତ ବୈଶିଷ୍ଟ୍ୟ ଫୁଟାଇ ଓଡ଼ିଆ ଲିପିରେ ମଧ୍ୟ ଏଇ କଥାଗୁଡ଼ିକ ଉଲ୍ଲେଖ କରାଯିବାର ପ୍ରୟତ୍ନ କରାଯାଇପାରେ । ତେବେ ଭାଷା ଶିକ୍ଷା ନିମନ୍ତେ ଧ୍ୱନିତାତ୍ତ୍ୱିକ ଲିପି ଅତ୍ୟନ୍ତ ଅନୁକୂଳ ବୋଲି ବିବେଚିତ ହେଉଥିବାରୁ ଏଭଳି ଏକ ଭାଷା ଶିକ୍ଷା ସହାୟକ ପୁସ୍ତିକାରେ ଓଡ଼ିଆ ଲିପି ପରିବର୍ତ୍ତେ ରୋମାନ୍ ଲିପି ଗ୍ରହଣ କରିବାର ଉପାଦେୟତା ସ୍ୱୀକାର୍ଯ୍ୟ ।

ସଙ୍କେତ ବ୍ୟାଖ୍ୟା :

| | |
|---|---|
| - | (ମଝିରେ ଥିଲେ) ଶବ୍ଦ ସୀମା<br>(ମୂଳରେ ଥିଲେ) ଉପସର୍ଗ<br>(ପରେ ଥିଲେ) ପର ପ୍ରତ୍ୟୟ |
| = | ଯୁକ୍ତ ଶବ୍ଦ |
| + | ଯୁଗ୍ମ ଶବ୍ଦ |
| / | ବିକଳ୍ପ |
| < | ବ୍ୟୁତ୍ପତ୍ତି ସୂତ୍ର |
| ( ) | ପରୋକ୍ଷ ବା ଅପ୍ରମାଣିତ |
| N | ଅଲୌକିକ ନାମ |
| -rr- | ଦ୍ୱିତ୍ୱୀକୃତ ବ୍ୟଞ୍ଜନ |
| ~ | ଚନ୍ଦ୍ରବିନ୍ଦୁ |
| x | ଖ୍ୟା |
| ʔ | ବିସର୍ଗ |
| ŋ | ଙ |
| ḍ | ଡ |
| ṛ | ଡ଼ |
| ṭ | ଟ |
| ɔ | ଅ |

# ପ୍ରଥମ ଭାଗ

## ଓଡ଼ିଆଣୀ

### ବ୍ୟାକରଣ

# ପ୍ରଥମ ଭାଗ

## ବ୍ୟାକରଣ

## ସୂଚୀ


୦ । ପରିଚୟ

୧ । ଧ୍ୱନିତତ୍ତ୍ୱ

(କ) ମୂଳ ଧ୍ୱନି

(ଖ) ଉଚ୍ଚାରଣ ସମ୍ବନ୍ଧୀ ଧ୍ୱନିତାତ୍ତ୍ୱିକ ସୂଚନା

୨ । ଶବ୍ଦତତ୍ତ୍ୱ

(କ) ମୂର୍ଣ୍ଣ ଶବ୍ଦ

(ଖ) ଖଣ୍ଡ ଶବ୍ଦ

(ଗ) ଜଟିଳ ଶବ୍ଦ

(ଘ) ଯୌଗିକ ଶବ୍ଦ

୩ । ରୂପତତ୍ତ୍ୱ

(କ) ବିଶେଷ୍ୟ

(ଖ) ସର୍ବନାମ

(ଗ) ବିଶେଷଣ

(ଘ) କ୍ରିୟା

(ଙ) ନିପାତ

୪ । ବାକ୍ୟତତ୍ତ୍ୱ

ପରିଶିଷ୍ଟ :

(କ) ଓଡ଼ିଆ ବିଦ୍ୟାର୍ଥୀ ବ୍ୟବହାର ପ୍ରାଇମର

(ଖ) ପ୍ରାୟୁକ୍ତ ଶବ୍ଦ-ସୂଚୀ

# ପରିଚୟ

ଡିଡାୟୀ ଓଡ଼ିଶାର ଏକ ଲଘିଷ୍ଠ ଆଦିବାସୀ ଜାତି । ଏହି ଜାତି ଖୁବ୍ ଉଦ୍ଦମ ଏବଂ ନିଜସ୍ୱ ଐତିହ୍ୟସମ୍ପନ୍ନ । ଜନସଂଖ୍ୟା ଦୃଷ୍ଟିରୁ ଏମାନଙ୍କର ସ୍ଥିତି ଗୌଣ । ୧୯୭୧ ଜନଗଣନା ଅନୁସାରେ ଏମାନଙ୍କର ସଂଖ୍ୟା ୨୧୬୪ । [ଡିଡାୟୀ ଉନ୍ନୟନ ଯୋଜନା ଜମଗ୍ରେ ବଣ୍ଡା ଉନ୍ନୟନ ଅଧିକାରୀ ଶ୍ରୀ ରଘୁନାଥ ସାହୁଙ୍କ ଜନଗଣନାନୁସାରେ ବସ୍ତୁତଃ ବର୍ତ୍ତମାନ ଜନସଂଖ୍ୟା ଓଡ଼ିଶାରେ ୩୧୯୪ ଏବଂ ଆନ୍ଧ୍ରପ୍ରଦେଶରେ ପ୍ରାୟ ୮୫୦]

ଡିଡାୟୀମାନଙ୍କର ବାସସ୍ଥାନ କୋରାପୁଟ ଜିଲ୍ଲାର ମାଲକାନଗିରି ସବ୍‌ଡିଭିଜନରେ ସୀମାବଦ୍ଧ । କୋଣ୍ଡାକମ୍ବେରୁ ଗିରିମାଳାର ମଧ୍ୟଭାଗରେ ମାଛକୁଣ୍ଡ ନଦୀର ପାର୍ଶ୍ୱଭୂମିରେ ଏମାନଙ୍କର ବସତି । ପାହାଡ଼ର ପାଦଦେଶରେ ସମତଳ ଭୂମିରେ, ପାହାଡ଼ ଉପରେ ଏବଂ ପାହାଡ଼ ସେପଟେ ନଦୀଧାରରେ ଏପରି [illegible] ଡିଡାୟୀ ବସତି ବହୁତ । ପ୍ରତିବେଶୀ ଆନ୍ଧ୍ରପ୍ରଦେଶର ସୀମାନ୍ତରେ ମଧ୍ୟ ଏହି ସଂପ୍ରଦାୟ ରହିବାର ଜଣାଯାଏ ।

ଡିଡାୟୀ ଜାତି ଏକ ସ୍ୱତନ୍ତ୍ର ଭାଷାର ଅଧିକାରୀ । ସେହି ଭାଷାରେ ତାଙ୍କ ଜାତିର ନାମ 'ଗଟାଃରେ' ଏବଂ ଭାଷାର ନାମ 'ଗଟାଃସା' । ଏହି ଜାତି ତଥା ଭାଷା ବୃହତ୍ତର ମୁଣ୍ଡା ଗୋଷ୍ଠୀର ଅନ୍ତର୍ଗତ । ବଂଶାନୁକ୍ରମିକ ଓ ପାରସ୍ପରିକ ସମ୍ପର୍କ ଦୃଷ୍ଟିରୁ ବୃହତ୍ତର ଗୋଷ୍ଠୀ ଭିତରେ ଡିଡାୟୀର ସ୍ଥାନ ନିମ୍ନାଙ୍କିତ ନକ୍ସାରେ ଦ୍ରଷ୍ଟବ୍ୟ ।




ଡିଡାୟୀ ଏକ ସୁନ୍ଦର ସୁଶ୍ରାବ୍ୟ, ସ୍ୱତନ୍ତ୍ରୋଚ୍ଚାରଣ ଭାଷା । ଶବ୍ଦ ଓ ଗଠନ ଦୃଷ୍ଟିରୁ ଏହା [illegible] ବହନ କରେ । ଏହାର ନିଜସ୍ୱ କୌଣସି ଲିପି ବା ଲିଖିତ ସାହିତ୍ୟ ନାହିଁ । ମାତ୍ର ଏଥିରେ ଅନେକ ମୌଖିକ ସାହିତ୍ୟ, ଗଳ୍ପ, ଗୀତ, ଢଗ ଇତ୍ୟାଦି ରୂପରେ ଉପଲବ୍ଧ ।

ଡିଡାୟୀ ଅଞ୍ଚଳ [illegible] ସୀମିତ, ସେଥିରେ ମଧ୍ୟ [illegible] ଉପଭାଷା ଲକ୍ଷ୍ୟଣୀୟ । ପାହାଡ଼ ପାଦବର୍ତ୍ତୀ 'ଓଣ୍ଡ୍ରି' ଗ୍ରାମର ଭାଷାଟିକୁ [illegible] ରୂପରେ ଦେଖାଯାଏ । ([illegible]) [illegible], ଓଣ୍ଡ୍ରି ଅଞ୍ଚଳର ଭାଷାକୁ ମାନକ ରୂପରେ ଗ୍ରହଣ କରିଯାଇ ଡିଡାୟୀ ଭାଷାର ଏହି ବ୍ୟାକରଣିକ ପରିଚୟ ପୁସ୍ତିକା ପ୍ରସ୍ତୁତ କରାଯାଇଛି ।

## (୧) ଧ୍ୱନିତତ୍ତ୍ୱ

(କ) ଜିତାମ୍ମୀ ଭାଷାର ମୂଳ ବା ପ୍ରଧାନ ଧ୍ୱନି :

| | ଧ୍ୱନି ସଂକେତ | ଓଡ଼ିଆ ଧ୍ୱନି ସଦୃଶମତା | ଉଦାହରଣ |
|---|---|---|---|
| ସ୍ୱରଧ୍ୱନି | i | ଇ | cili – ଚିଲି (ମାଂସ) |
| | u | ଉ | uli – ଉଲି (ଅମ୍ବ) |
| | e | ଏ | eʔke – ଏଃକେ (ଅଙ୍କ) |
| | o | ଓ | onoro – ଓନୋରୋ (ଅଲଗୁଣି) |
| | a | ଆ | alo – ଅଲୋ (ଜଲ) |
| | x | (ଆ୍ୟ) | xgle – ଆ୍ୟଗଲ୍ୟାଯ୍ (ନାଡ) |
| ଅର୍ଦ୍ଧସ୍ୱର ଧ୍ୱନି | y | ୟ୍ | gloy – ଗ୍ଲୟ୍ (ଦଉ) |
| | w | (ଓ୍ୱ) | warti – ଓ୍ୱାର୍ତି (ମୁଦି) |
| ବ୍ୟଞ୍ଜନ ଧ୍ୱନି | k | କ | kia – କିଆ (ଧାନ) |
| | g | ଗ | gali – ଗାଲି (ଘଷା) |
| | c | ଚ | caŋkwa – ଚଙ୍କ୍ୱଆ (ଭାର) |
| | j | ଜ | jona – ଜନା (ମକ୍କା) |
| | ṭ | ଟ | ṭaṭa – ଟାଟା (ମହୁଫେଣା) |
| | ḍ | ଡ | ḍugḍi – ଡୁଗ୍ଡି (ବଗିଚ) |
| | ṛ | ଡ଼ | kuṛa – କୁଡ଼ା (ବଂଶ) |
| | t | ତ | titi – ତିତି (ହାତ) |
| | d | ଦ | dodia – ଦଦିଆ (ଝୋପ) |
| | p | ପ | poga – ପଗା (ଧୂଆଁପତ୍ର) |
| | b | ବ | btig – ବ୍ତିଗ୍ (ଲୁଣ) |
| | l | ଲ | lili – ଲିଲି (ଲତା) |
| | s | ସ | sari – ସାରି (ଫୁଲ) |
| | h | ହ | harke – ହାର୍କେ (ମାସ) |
| ନାସିକ୍ୟ ଧ୍ୱନି | m | ମ | meriŋ – ମେରିଙ୍ (ଲଙ୍କା) |
| | n | ନ | na – ନା (ଚମେ) |
| | ŋ | ଙ | ŋku – ଙ୍କୁ (ବାପ) |
| | ~ | ଁ | õ – ଅଁ (ପୁର) |
| କଣ୍ଠମୂଳୀୟ ଧ୍ୱନି | ʔ | ଃ | haʔṛo – ହାଃଡ଼ୋ (ମାଛ) |

(ଖ) ଧ୍ୱନିଗୁଡ଼ିକର ଉଚ୍ଚାରଣ ସମ୍ବନ୍ଧୀ ଧ୍ୱନିତାତ୍ତ୍ୱିକ ସୂଚନା :

| ସ୍ୱରଧ୍ୱନି : | ଅଗ୍ର/ବର୍ତ୍ତୁଳ | କେନ୍ଦ୍ରିକ/ଅବର୍ତ୍ତୁଳ | ପଶ୍ଚ/ବର୍ତ୍ତୁଳ |
|---|---|---|---|
| ଉଚ୍ଚ | i | | u |
| ଉଚ୍ଚ-ମଧ୍ୟ | e | | o |
| ନିମ୍ନ-ମଧ୍ୟ | x | ɔ | |
| ନିମ୍ନ | | a | |

[ ɔ ଓଡ଼ିଆ ଅ-ଧ୍ୱନି ସମତୁଲ୍ୟ, ଉଧାର ଶବ୍ଦରେ ବ୍ୟବହାର କରାଯାଏ ]

(ଅ) ଏହି ସମସ୍ତ ଧ୍ୱନି ଦୀର୍ଘ ଭାବରେ ଉଚ୍ଚାରିତ ହୋଇପାରେ । ଦୀର୍ଘତା ବର୍ଣ୍ଣର ଦ୍ୱିତ୍ୱ ଦ୍ୱାରା ପ୍ରକାଶ୍ୟ ।
(ଯଥା— ne-coŋ-ke (ଆମେ ଖାଇଲୁ)/nee-coŋ-ke (ଆମେ ଖାଇଲୁ ନାହିଁ)

(ଆ) ଏହି ସମସ୍ତ ଧ୍ୱନି ଅତି ହ୍ରସ୍ୱ ଭାବରେ ଉଚ୍ଚାରିତ ହୋଇପାରେ ।
ହ୍ରସ୍ୱତା – v – କିମ୍ବା ଊର୍ଦ୍ଧ୍ୱରେ ଲିଖିତ ବର୍ଣ୍ଣ କିମ୍ବା – ଚିହ୍ନଦ୍ୱାରା ପ୍ରକାଶ୍ୟ ।
(ଯଥା—$g^{v}$bug, g – bug, gubug (ଘୁଷୁରି)

(ଇ) ଏହି ସମସ୍ତ ଧ୍ୱନି ଅନୁନାସିକ୍ୟ ଭାବରେ ଉଚ୍ଚାରିତ ହୋଇପାରେ । ଅନୁନାସିକତା ବର୍ଣ୍ଣ ଉପରେ ଓଡ଼ିଆ ଚନ୍ଦ୍ରବିନ୍ଦୁ ତୁଲ୍ୟ ~ ଚିହ୍ନଦ୍ୱାରା ପ୍ରକାଶ୍ୟ ।
ଯଥା :—akwaʔ – ଏଠି, ã – hwaʔ – ଜମ୍ମ ଉଷୁମେଇବା, wa – ଡାକିବା, wã – ଲୁଆଁଇବା, ũhwaʔ – ଧୂଆଁ, rujua – ଧାନ ଭୁଣେଇ, ĩhir – ଅମ୍ଳ ଟାକୁଆ, jinir – ଜଙ୍ଗଲ, tohõ – ମାଳ, ṭomo – କପାଳ, kẽcar-tu – ମଝି ଖୁଣ୍ଟ, kere – slaʔ – ଶିମୁଳି ଗଛ, õ-rwa – ଘୁରିକଣ, oria – ନିକଟରେ ଇତ୍ୟାଦି)

**ବ୍ୟଞ୍ଜନ ଧ୍ୱନି :**

| | ଓଷ୍ଠ୍ୟ | | ଦନ୍ତ୍ୟ | | ମୂର୍ଦ୍ଧନ୍ୟ | | ତାଲବ୍ୟ | | କଣ୍ଠ୍ୟ | | କଣ୍ଠମୂଳୀୟ |
|---|---|---|---|---|---|---|---|---|---|---|---|
| | ୧ | ୨ | ୧ | ୨ | ୧ | ୨ | ୧ | ୨ | ୧ | ୨ | |
| ସ୍ପର୍ଶ | b | p | d | t | ḍ | ṭ | j | c | g | k | ʔ |
| ଉଷ୍ମ | | | | s | | | | | | | h |
| ନାସିକ୍ୟ | m | | n | | | | | | ŋ | | |
| ପାର୍ଶ୍ୱିକ | | | l | | | | | | | | |
| କମ୍ପିତ | | | r | | ṛ | | | | | | |
| ଅର୍ଦ୍ଧ-ବ୍ୟଞ୍ଜନ | | | w | | | y | | | | | |

[୧ – ସଘୋଷ, ୨ – ଅଘୋଷ]

(ଘ) ସ୍ପର୍ଶ ବ୍ୟଞ୍ଜନଗୁଡ଼ିକର ମହାପ୍ରାଣିତ ରୂପ ହୋଇପାରେ । ଏହା – h – ସହଯୋଗରେ ପ୍ରକାଶ୍ୟ ।
(ଯଥା— bhaʔ – ମୁଣ୍ଡ, ghxʔ – ଚୋର)

(ଙ) – ṛ – ଏବଂ –ʔ – ଶବ୍ଦର ଆଦ୍ୟବର୍ଣ୍ଣ ଭାବରେ ଉଚ୍ଚାରିତ ହୁଏନାହିଁ ।

(ଚ) ସ୍ୱର ଅସଂଯୁକ୍ତ ଭାବରେ ମଧ୍ୟ ଏକକ ବ୍ୟଞ୍ଜନ ଧ୍ୱନି ଉଚ୍ଚାରିତ ହୋଇପାରେ ।
(ଯଥା—b$^{v}$to – ଡରିବା, k$^{v}$soʔ – କୁଳ, lgoʔ – ବେକ, r$^{v}$koʔ – ଗୁଉଲ, t$^{v}$ti – ହାତ)

(ଛ) ଦୁଇ ବା ତତୋଽଧିକ ବ୍ୟଞ୍ଜନ ଧ୍ୱନିଗୁଡ଼ିକ ସଂଯୁକ୍ତାକ୍ଷର ଭାବରେ ଉଚ୍ଚାରିତ ହୋଇପାରେ ।
(ଯଥା—blu-ଫେଙ୍କିବା, brwa – କଷା, bru – କଅଁଳ, bri – ପାହାଡ଼, kṛesoʔ – ଛେକ)

(ଜ) m, n, ŋ – ଏକକଭାବେ ଶବ୍ଦ ଆଦ୍ୟରେ ରହିପାରନ୍ତି ଏବଂ ŋ – ସହିତ ସ୍ୱରଧ୍ୱନି ସଂଯୋଗ କରାଯାଇପାରେ ।
(ଯଥା— m-boʔ – ଖୁଡ଼ୀ, n – lug – କାନ, ŋ – xg – ଘୂଅ, bṛoŋa – ଢ଼ିଲା)

## (୨) ଶବ୍ଦତତ୍ତ୍ୱ

ଭିଡାୟୀ ଭାଷାର ଶବ୍ଦଗୁଡ଼ିକୁ ଅନୁଭ ପ୍ରକୃତ ଭିତ୍ତିରେ ନିମ୍ନଲିଖିତ ଭାବରେ ବର୍ଗୀକରଣ କରାଯାଇପାରେ ।

(୧) ମୂଳ ଶବ୍ଦ
- ପୂର୍ଣ୍ଣ ଶବ୍ଦ
- ଖଣ୍ଡ ଶବ୍ଦ

(୨) ବ୍ୟୁତ୍ପନ୍ନ ଶବ୍ଦ
- ଜଟିଳ ଶବ୍ଦ
- ଯୌଗିକ ଶବ୍ଦ

### ୧ । (କ) ପୂର୍ଣ୍ଣ ଶବ୍ଦ :

ଏହି ଶ୍ରେଣୀର ଶବ୍ଦଗୁଡ଼ିକ ମୌଳିକ ଓ ସ୍ୱୟଂସମ୍ପୂର୍ଣ୍ଣ । ଏଗୁଡ଼ିକ ଏକାକ୍ଷରୀ କିମ୍ବା ବହୁ ଅକ୍ଷର ବିଶିଷ୍ଟ ।

ଏକାକ୍ଷରୀ—ଯଥା :— ଠଁ (ସୂର), /gsxŋ/ (କୁକୁଡ଼ା), lgoˀ (ଦେହ), ja (କାଏ), bri (ପାହାଡ଼)

ବହୁଅକ୍ଷର ବିଶିଷ୍ଟ—ଯଥା :— bole (ଭାତ), gugḍia (ପିଠି), plwesa (ପଇସା), koṛx - hã̃ (ବାଇଗଣ), nliawir (ବାଦୁଡ଼ି)

### ୧ । (ଖ) ଖଣ୍ଡ ଶବ୍ଦ :

ଏହି ଶ୍ରେଣୀର ଶବ୍ଦଗୁଡ଼ିକ ଏହି ଭାଷାର ଏକ ବିଶେଷ ସମ୍ପତ୍ତି । ଏଗୁଡ଼ିକ ମୂଳ ଶବ୍ଦରୁ ଉତ୍ପାଦିତ ହୋଇଥାଏ । ଏଗୁଡ଼ିକ ସ୍ୱାଧୀନ ଭାବରେ ବ୍ୟବହୃତ ହୋଇପାରନ୍ତି ନାହିଁ । ଅନ୍ୟ ଶବ୍ଦ ସହିତ ଏଗୁଡ଼ିକୁ ଯୋଗ କରି ନାନା ଧରଣର ଶବ୍ଦ ଗଠନ କରାଯାଏ । ନିମ୍ନରେ ଏହାର କେତେକ ଉଦାହରଣ ଦିଆଯାଉଛି ।

(ଅ) ମୂଳ ପୂର୍ଣ୍ଣ ଶବ୍ଦର ଆଦ୍ୟରୁ ଏକ ଅଂଶ ଖଣ୍ଡନ :

s' sia = sia (ହଳଦୀ)

t' ti = ti (ହାତ)

b' boˀ = boˀ (ସାପ)

ŋ ku = ku (ବାଘ)

n ḍiaˀ = ḍiaˀ (ପାଣି)

n co = co (ଗୋଡ଼)

mpwaˀ = pwaˀ (ଲୁଗା)

mbia = biaˀ (ଅଁଳା)

mmu = mu (ନାକ)

gʔgiaʔ = giaʔ (କୁଆ)
gbe = be (ଚିଲ୍)
gmiʔ = miʔ (ଟେକା)

bcweʔ = cweʔ (ଚେନ୍ଦୁକ)
lgoʔ = goʔ (ବେଙ୍ଗ)
hriʔ = riʔ (ଘାସ)

og - so = so (କଅାଁ)
gaŋ - hã = hã (ବାଉଁଶ)
bulu - po = po (ଜଙ୍ଘ)

(ଘ) ମୂଳ ପୂର୍ଣ୍ଣ ଶବ୍ଦର ପ୍ରାନ୍ତରୁ ଏକ ଅଂଶ ଖଣ୍ଡନ :

paʔḍu = paʔ (ଡାଳ)
burda = bur (କାକୁଡ଼)
og - boʔ = og (ବାଳ)

uli = u (ଅନ୍ନ)
cili = ci (ମାଂସ)
sari = sar (ଫୁଲ)

(ଙ) ମୂଳ ପୂର୍ଣ୍ଣ ଶବ୍ଦର ମଧ୍ୟରୁ ଏକ ଅଂଶ ଖଣ୍ଡନ :

hni = hi (ଗାଁଆ)
knweʔ = kweʔ (ସ୍ତ୍ରୀ)
pni = piʔ (ମନୁଷ୍ୟ)

bleʔ = beʔ (ଘର)
plog = pog (କଣା)
rkoʔ = ro (ଗୁହାଳ)
smi = si (ଧନ)
btig = big (ଲୁଣ)

(ଚ) ଉପସର୍ଗ ଉପାଧିରେ ଉତ୍ପାଦନ ସ୍ତରରେ କେତେକ ବ୍ୟତିକ୍ରମ :

(ଅ) ସ୍ୱରରେ ବ୍ୟତିକ୍ରମ :

bũṭi = bo (ମଇଁଷି)
caŋkwa = co (ଛାଗ)
kumḍa = koŋ (ବୋଇତ କଖାରୁ)
meriŋ = mir (ଲଙ୍କା)
ceʔwam = ciaʔ (ପାଣ)

(ଇ) ପଦାନ୍ତରେ ବ୍ୟତିକ୍ରମ :

bri = bwar (ପଥର)
bri = bir (ଜଙ୍ଗଲ)
plwesa = pwe (ପକ୍ଷୀ)
bhaʔ = boʔ (ମୁଣ୍ଡ)
ljo = lwe (ଜମି)
slaʔ = swa (ଗଛ)
skoʔ = sag (ଟଙ୍କା)

କେତେକ ଖଣ୍ଡ ଶବ୍ଦର ମୂଳ ଅନସ୍ଥିତ ଦେଖାଯାଏ । ଯଥା – huaʔ (ଅଣ୍ଡା), gug (ଘୋଡ଼ା), gweʔ (ଗାଈ), sxŋ (ସୂର୍ଯ୍ୟ), siŋ (ଔଷଧ) ।

୨ । (କ) ଜଟିଳ ଶବ୍ଦ :

ମୂଳ ଶବ୍ଦ ସହିତ କିଛି ଯୋଗ କରି ନୂଆ କିମ୍ବା ଭିନ୍ନ ଅର୍ଥଯୁକ୍ତ ଶବ୍ଦ ତିଆରି କରାଯାଏ । ଯେଉଁ କ୍ଷେତ୍ରରେ ସଂଯୁକ୍ତ ଅଂଶ ମୂଳ ଶବ୍ଦ ସହିତ ପ୍ରାୟ ମିଶିରହେ ସେହି ସ୍ଥଳରେ ଜଟିଳ ଶବ୍ଦ ହୋଇଛି ବୋଲି ବୁଝିବାକୁ ହେବ । ନିମ୍ନରେ କେତେକ ଉଦାହରଣ ଦିଆଗଲା ।

(ଅ) – aʔ – ଶବ୍ଦଟି ମଝିରେ ଯୋଡ଼ିବା :

କୌଣସି ଶବ୍ଦ ମୂଳରେ aʔ – ଲଗାଇଲେ ତାହା ପ୍ରେରଣାର୍ଥକ କ୍ରିୟା ଗଠନ କରେ । ଯଥା :—coŋ – ଖାଇବା, aʔcoŋ – ଖୁଆଇବା; କିନ୍ତୁ କେତେକ ଶବ୍ଦରେ ଏହି aʔ ଶବ୍ଦ ମଝିରେ ଭର୍ତ୍ତି କରାଯାଇ ସମ୍ପୂର୍ଣ୍ଣ ମୌଳିକ ଶବ୍ଦ ପରି ଗଢ଼ ଦିଆଯାଏ ।

bṭo – ଡରିବା > baʔṭo – ଡରାଇବା
thwã – ଠିଆହେବା > taʔhwã – ଠିଆ କରାଇବା
kliŋ—ଗୋଟଲା ହେବା > kaʔliŋ – ଗୋଟଲା କରିବା
plog – କଣା ହେବା > paʔlog – କଣା କରିବା
lboŋ – ଓଦା ହେବା > laʔboŋ – ଓଦା କରିବା

(ଆ) nnaʔ – ଶବ୍ଦ ମୂଳରେ ଯୋଡ଼ିବା :

ଅକର୍ମକ କ୍ରିୟା ମୂଳରେ nnaʔ – ଯୋଗ କରି ବିଶେଷ୍ୟ ଶବ୍ଦ ଗଢ଼ାଯାଏ ।
naʔ – ସୂର୍ଯ୍ୟକିରଣ ଦେବା > nnaʔsxŋ – ଖରା
aʔlerlaʔ – ବିଜୁଳି ମାରିବା > nnaʔleṛiaʔ – ବିଜୁଳି
moʔ – ଘର କରିବା > nnaʔmoʔ – ବୁଗଛ
aʔkwaʔ – ଅଭିଶାପ ଦେବା > nnaʔkweʔ – ଅଭିଶାପ

(ଘ) - n - ଶବ୍ଦ ମଝିରେ ଯୋଡ଼ିବା :

କ୍ରିୟା ଶବ୍ଦରେ - n - ଲଗାଇ ବିଶେଷ୍ୟ ଶବ୍ଦ ଗଠନ କରାଯାଏ ।

poʔ - ଲୁଚିବା > pnoʔ - ବର୍ଛି ।

si - ହଳ କରିବା > sni - ଲଙ୍ଗଳ

brwa - ନାଚିବା > bnrwa - ନାଚିବା ଢଙ୍ଗ

coʔ - ଖୋଞ୍ଚିଦେବା > cnoʔ - ଖୋଞ୍ଚ

wxŋ - ବଳିବା > wxŋ - u - ପାଣି ବଳିବା > unxŋ - u - ପିକା

llxʔ - par - ପଶ୍ଚାଦ୍ ଫେରିବା > lnlxʔpar - ପଶ୍ଚାତ୍ ସ୍ଥାନ

(ଙ) ଶବ୍ଦର ମୂଳ ଅକ୍ଷରେ ପୁନରାବୃତ୍ତି କରିବା :

ba - ଖୁପଡ଼ା ମାରିବା > bba - ଆପୁଡ଼ା ମାରିବା

buʔ - ଚୁଟିବା > bbuʔ - ପିକା ଟାଣିବା

lwar - ବାକ୍ୟ କହିବା > llwar—କଣାବାଟେ ଗଳିପଡ଼ିବା

wir - ଦଉଡ଼ିବା > w-wir - ଗୁଡ଼ାଇବା

cu - ଫଳିବା > c-cu - ଫଳ

li - ଲଟାଇବା > l-li - ଲତା

cog - ଗହଣା ପିନ୍ଧିବା > c-cog - ମାଳି ଗୁନ୍ଥିବା

୨ । (ଖ) ଯୌଗିକ ଶବ୍ଦ :

ଶବ୍ଦ ସହିତ ଶବ୍ଦ ଯୋଡ଼ି ଭିନ୍ନ ଶବ୍ଦ ଗଠନ କରାଯାଏ । ଯେଉଁ ସ୍ଥଳରେ ଯୋଡ଼ାଯାଇଥିବା ଅଂଶ ସ୍ପଷ୍ଟ ଜଣାପଡ଼େ ଏବଂ ସହଜରେ ବିଚ୍ଛିନ୍ନ କରାଯାଇପାରେ, ସେ ସ୍ଥଳରେ ଯୌଗିକ ଶବ୍ଦ ବୋଲି ଚିହ୍ନିବାକୁ ହେବ । ନିମ୍ନରେ ବିଭିନ୍ନ ପ୍ରକାରର ଯୌଗିକ ଶବ୍ଦର ଉଦାହରଣ ଦିଆଗଲା ।

(ଅ) ପୂର୍ଣ୍ଣ ଶବ୍ଦ + ଖଣ୍ଡ ଶବ୍ଦ

ଦୁଇଟି ଅଂଶ ମଧ୍ୟରେ ବିଭିନ୍ନ ସମ୍ପର୍କ ରହି କିପରି ଏହି ଶ୍ରେଣୀର ଶବ୍ଦ ଗଠିତ ହୁଏ, ତାହାର ନମୁନା ପ୍ରଦତ୍ତ ହେଲା ।

(୧) ଅଂଶବିଶେଷ + ପୂର୍ଣ୍ଣ ଜିନିଷ

sari - ja (ଫୁଲ + ଧାନର), plog - mu (କଣା + ନାକର, ନାକପୁଡା), plaʔ - be (ଲଙ୍ଗୁଡ଼ + ହଳର)

ପୂର୍ଣ୍ଣ ଜିନିଷ + ଅଂଶବିଶେଷ

kia - sar (ଧାନ-ଫୁଲ), gmiʔ - ci (ଛେଳି ମାଂସ), uli - paʔ (ଆମ୍ବପତ୍ର)

(୨) ବିଶେଷ୍ୟ + ବିଶେଷ୍ୟ

kabra – be (କାଣ୍ଡିଆ – ଭଲ୍ଲୁ), pitol – piʔ (ପିତଳ ମହୁଆ), cmor – hwaʔ (ଡେଙ୍ଗା ଅଣ୍ଡା),
ବିଶେଷଣ + ବିଶେଷ୍ୟ

gsuʔ – bir (କୁକୁର – ବଣୁଆ), rnoʔ – saŋ (ଭଲ୍ଲ – ଘରର), btig – tia (ଲୁଣ – ପାଛିଆ)

(୩) କ୍ରିୟା + ଅନ୍ୟ/କର୍ମ/କର୍ତ୍ତା

hweʔ – sog (ଧାନକଟା ଛୁରୀ – ଦାଆ), doŋga – re (ଟେକୁର ଜଣବା ମଣିଷ – ସ୍ତ୍ରୀର), tur – tia (ତରାଇବା – ଗାଈ), gweʔ – ti (ଧୋଇବା – ହାତକୁ), ã – saŋ (ଛାଇବା – ଘରକୁ), sur – cu (ଭଜାବା – ତେଲରେ), rig – tia (ଲିପିବା – ଗୋବରରେ), bwa – gug (ବୋହିବା – ପିଠିରେ), coŋ – bo (ଖାଇବାକୁ – ଭାତ), bog – sxŋ (ମାରିବାକୁ – କୁକୁଡ଼ା), siʔ – hã (କାଟିବାକୁ – ବାଉଁଶ)

(୪) ଏକାଧିକ ଖଣ୍ଡ ଶବ୍ଦ ସଂଯୋଗ

gweʔ – saŋ – kweʔ (ଘଷିବା – ଘର – [illegible]) ବନ୍ଧବା, siʔ – hã – kig (କାଟିବା-ବାଉଁଶ – ସମୟ) ବାଉଁଶକଟା ଋତୁ, ug – sa – sag (ପିଇବା – ମଦ – ଭୂମା) ମଦ ପିଇବା ଭୂମା

(ଆ) ଯୁଗ୍ମ ଶବ୍ଦ – ଏହା ଦୁଇ ପ୍ରକାର ହୋଇପାରେ—

ସାର୍ଥକ + ନିରର୍ଥକ କିମ୍ବା ସାର୍ଥକ + ସାର୍ଥକ

| ସାର୍ଥକ + ନିରର୍ଥକ | ସାର୍ଥକ + ସାର୍ଥକ |
|---|---|
| hni – waŋga (ଗାଁ ଗଣ୍ଡା) | gˠghar – gˠtaʔ (ଚିତାଏ ଖାଇ) |
| rkoʔ – gmx (ଗୁଡ଼ୁଲ) | bõia – kuṭum (ବନ୍ଧୁକୁଟୁମ୍ବ) |
| sehã – sno (ଭୂତପ୍ରେତ) | nḍiaʔ – swa (ଜାଉଁ ପାଣି) |
| nlo – rpa (ଗାଳିମାଡ଼) | kia – ũhwaʔ (ଧାନମାଡ଼ିଆ) |
| lanṭwa – kroŋ (ଘୁରା-ଘୁମା) | konḍa – bri (କନ୍ଦ ପର୍ବତ) |
| paʔṛu – krx (ଡାଳପତ୍ର) | sapuŋ – nli (ମଦମୁଦ) |
| kitoŋ – ḍewar (ଦେବାଦେବ) | mnaʔ – ḍ-hã (ମନ୍ଦାକ) |
| karma – kupxŋ (କମାର ଚମାର) | ḍnuŋ – tnx (ବଣଜୋର) |
| olxŋ – ḍalia (ବୁଲୁଚଲ) | cncoŋ – unug (ଝିଙ୍ଗିଷ) |

(ଇ) ପ୍ରତିଧ୍ୱନ୍ୟାତ୍ମକ ଶବ୍ଦ :

ଓଡ଼ିଆରେ ଯେପରି ଡ – ଦେଇ, ବଙ୍ଗଳାରେ ଟ – ଦେଇ, ହିନ୍ଦୀରେ ଓ୍ୱ – ଦେଇ ପ୍ରତିଧ୍ୱନ୍ୟାତ୍ମକ ଶବ୍ଦ ଗଠନ କରାଯାଏ (ଯଥା :— ଭାତ-ଡାତ, ଭାତ୍-ଟାତ୍, ଭାତ୍-ଓ୍ୱାତ୍) ଜୁଆଙ୍ଗରେ ସେହିପରି ଶବ୍ଦ ମୂଳ ଶବ୍ଦର ସ୍ୱରଧ୍ୱନି ପରିବର୍ତ୍ତନପୂର୍ବକ କରାଯାଏ ।

ଏହିପରି ଧ୍ୱନି ପରିବର୍ତ୍ତନରେ କେତୋଟି ନିୟମ ଦେଖାଯାଏ । ନିମ୍ନରେ ଉଦାହରଣ ସହ ତାହାର ଉଲ୍ଲେଖ କରାଗଲା ।

(୧) ଏକ ସ୍ୱରଯୁକ୍ତ ଶବ୍ଦର ସ୍ୱର ଧ୍ୱନିଟି -a- ଅଥବା -i- କୁ ପରିବର୍ତ୍ତିତ ହୁଏ । ଯଥା :—

*sle* (କାମ) > sla/sli

mmoŋ (ମାମୁ) > mmaŋ/mmiŋ

gsiʔ (ଉକୁଣି) > gsaʔ

nswa (କୋଦାଳ) > nsi

(୨) ଦୁଇ ସ୍ୱରଯୁକ୍ତ ଶବ୍ଦରେ ଉଭୟ ସ୍ୱର -a- ବା -i- ହୁଅନ୍ତି କିମ୍ବା ଗୋଟିଏ ମାତ୍ର ସ୍ୱର -a- ବା -i- କୁ ପରିବର୍ତ୍ତିତ ହୁଏ କିମ୍ବା ପ୍ରଥମ ସ୍ୱରଟି -u- ଏବଂ ଦ୍ୱିତୀୟ ସ୍ୱରଟି -a- ହୋଇଯାଏ । ଯଥା :—

cili (ମାଂସ) > cala

kitoŋ (ଠାକୁର) > kataŋ/kitiŋ

kuru (ଗାତ) > kara/kiri/kura/karu

bole (ଭାତ) > bala/bili/boli/bale

sari (ଫୁଲ) > sara/siri/suri

(୩) ତିନି ସ୍ୱରଯୁକ୍ତ ଶବ୍ଦରେ ସବୁଯାକ କିମ୍ବା ପ୍ରଥମ ଦୁଇଟି କିମ୍ବା ଶେଷ ଦୁଇଟି ବା ଗୋଟିଏ – a – ବା – i – ହୁଅନ୍ତି । ଯଥା :—

mosali (କୁମ୍ଭୀର)>masala/masali/mosala

onoro (ଅଳଗୁଣି)>anara/anaro/ onara/anoro/onora/iniri/oniri/onori

picori (ବାଦୁଡ଼ି) >pacaṛa/pacaṛi/picaṛa/picaṛi/piciṛi

(୪) ଯୌଗିକ ଶବ୍ଦରେ ଗୋଟିଏ ବା ଉଭୟ ଅଂଶ ପରିବର୍ତ୍ତିତ ହୁଏ । ଯଥା :—

saliaʔ – ku (ପହଁରିବା) >salaʔku/siliʔku

tur – tia (ଗୋରୁ ଚରାଇବା)>tartia/tirtia/tirti/tarti

kula – re (ଲାଉ ଲେକ)>kilire/kalare

aʔcoŋ (ଖୁଆଇବା)>iʔciŋ

pe – we – e (ଡମେ ଗିବ)>pa – wa – e

(ଖ) ପ୍ରତ୍ୟୟ + ଶବ୍ଦ

a—(ନାସ୍ତିବାଚକ)

a – bogmwa – ଅନାକର୍ଷକ

a – buṛiŋ – ଅନିଦ୍ରା

a – lxnḍiaʔ – ମିଷ୍ଟଭାଷୀ

a – (ସ୍ଥାନବାଚକ)

anḍi – କୋଉଠି

akwa – ଏଇଠି

a – (କର୍ମକାରକ ବାଚକ) a – remwa – ଲୋକଙ୍କୁ

aˀ – (ପ୍ରେରଣାର୍ଥକ) aˀ – ug ରଙ୍ଗ – କରିବା (ug ପିଇବା)

aˀba – ବଇଁଢରିବା (ba ପାଇବା)

aˀ la – ଛପିଯିବା

aˀṇiŋ – ମାଗିବା

oˀ – (ପରିମାଣ) oˀsx – ଅନେକ ମୁଁହରୁ

oˀkxn – ଏତେ

ca – (ଏକା, ଗୋଟେମାତ୍ର) camx – ଏକଲ

ho – (ଧାରଣିରକ) ho – ba – ଘାଇବା

ho – baˀlir – କଥାହେବା

hũ/huŋ—(ଶିଳ) huŋ – be – ଶିଳ୍‌କୁଟା

huŋ – bwar – ଶିଳପୁଅ

ma – masna – mwaˀ – ଅଟକ୍ଷା

sxŋ – sxŋ – tar ମଟି

sxŋtia – bir ମଟିର କାମି

sxŋ – ମଟାମଟି ସିଧା

(ଏ) ଶବ୍ଦ + ପ୍ରତ୍ୟୟ

– bxg (ଅଧିକ ଜୋର୍) ur + bxg (ଗୁଳ ଛଡ଼ାଇବା)(do + gaˀ + nswar + )

– car (ବେଶି ବା ବାରମ୍ବାର) big + car (ବିଛୁଡ଼ିଦେବା) (pag + siˀ + )

– ciˀ txg + ci (ଛିଣ୍ଡାଇଦେବା) (pag + )

– ḍaŋ boˀ + ḍaŋ (ଝୁଲିକରି ରହିବା) (cog + )

– ṛx (ଜୋରରେ) loˀ + ṛx (ଫିଙ୍ଗାଇଦେବା)

– ṛxg (ହିଂସ୍ର) kseˀ + ṛxg (ଲେଖି) (gxngo + , + mwaˀ + )

– ṛe (ସମୟ) ntig + ḍe (ପରମୁହୂର୍ତ୍ତରେ)

– ṛia (ଲାଗିରହିବା) nwa + ṛia (ଗୋଡ଼ାଇ ରହିବା) (saliaˀkuṛia + )

– haˀ (ଜୋର୍ ଆଘାତ ଦେବା) wiŋ + haˀ (ଗାଳିଦେବା) (ṭxŋ + )

– ku saliaˀ + ku (ପହଁରିବା)

– laˀ bwaˀ + laˀ (ଲାଗିଯିବା) (doˀ + gig + )

– lxg ga + lxg (ତେଣ୍ଡି ପଡ଼ିବା) muṇḍi + (ଝିଅପୁଅ)

– mxg bṭo + mxg (ଜାଲୁଆ)

– noˀ (ସମୟ) njir + noˀ (ସକାଳୁ)

mbaya + noˀ (ଦୁବେହିଁ)

– par ṭu + par (ଧୂଳି ପକାଇବା) (caˀ + ḍiŋḍiaˀ + )

# (୩) ରୂପତତ୍ତ୍ୱ

ଶବ୍ଦମାନଙ୍କୁ ବାକ୍ୟରେ ଲଗାଇ କହିବାକୁ ହେଲେ ସେଗୁଡ଼ିକୁ ପରସ୍ପର ସହିତ ସମ୍ବନ୍ଧ ରଖି ଖଞ୍ଜିବାକୁ ପଡ଼େ । ଏଥିପାଇଁ ଶବ୍ଦମାନଙ୍କ ସହିତ କିଛି ଯୋଡ଼ିବାକୁ ପଡ଼ିଥାଏ କିମ୍ବା ଶବ୍ଦକୁ ବଦଳାଇବାକୁ ପଡ଼ିଥାଏ ।

ପ୍ରଥମତଃ ଶବ୍ଦମାନଙ୍କ ବର୍ଗୀକରଣ କରିବା ବିଧେୟ । ଅନ୍ୟାନ୍ୟ ଭାଷା ପରି ଉତାର୍ରୀ ଭାଷାର ଶବ୍ଦ ସବୁ ନିମ୍ନମତେ ବିଭକ୍ତ କରାଯାଇପାରେ ।

(କ) ବିଶେଷ୍ୟ

(ଖ) ସର୍ବନାମ

(ଗ) ବିଶେଷଣ

(ଘ) କ୍ରିୟା

(ଙ) ଅବ୍ୟୟ/ନିପାତ (ପ୍ରକାର୍ଯ୍ୟ-ଶବ୍ଦ)

ପ୍ରତ୍ୟେକ ଧରଣର ଶବ୍ଦକୁ ବାକ୍ୟରେ କିପରି ଲଗାଯାଇ ପାରିବ ଏବଂ କେଉଁ ଶବ୍ଦ ସହିତ କି କି ଚିହ୍ନ ଯୋଡ଼ା ଯାଇପାରିବ ତାହା ନିମ୍ନରେ ସୂଚାଇ ଦିଆଯାଉଛି ।

### ବିଶେଷ୍ୟ

ବିଶେଷ୍ୟ ପଦର ରୂପ କଲାବେଳେ ତିନୋଟି ଜିନିଷ ଲାଗିପାରେ—ଲିଙ୍ଗ, ବଚନ, କାରକ-ବିଭକ୍ତି ।

ଲିଙ୍ଗ : ଉତାର୍ରୀ ଭାଷାରେ ଲିଙ୍ଗ ଗୁରୁତ୍ୱପୂର୍ଣ୍ଣ ନୁହେଁ । ପୁଂଲିଙ୍ଗ, ସ୍ତ୍ରୀଲିଙ୍ଗ କିମ୍ବା କ୍ଲୀବଲିଙ୍ଗ ଯେଉଁ ଲିଙ୍ଗର ଶବ୍ଦ ହେଉନା କାହିଁକି ଏକାରକମର ରୂପ ହୁଏ ।

ସାଧାରଣ ଶବ୍ଦକୁ ଅଣ୍ଡିର ବା ମାଈ ନିମ୍ନଲିଖିତ ଉପାୟରେ ଦେଖାଇ ଦିଆଯାଏ ।

ଅଣ୍ଡିର – b-bo (ବାପ)

ମାଈ – ḍia (ମାଆ)

ପୁରୁଷ – re (ମନୁଷ୍ୟ)

ସ୍ତ୍ରୀ – boeʔ (ସ୍ତ୍ରୀ)

b'bo – ku (ବାଘ)

ḍia – ku (ବାଘୁଣୀ)

gʔgo – re (ଝିଆରୀ)

ḍwe – coŋ – re (ବୃଦ୍ଧ ଶ୍ରିଆ)

ttog – boeʔ (ଘାସକାଟିବାବାଲୀ)

ḍwe – caŋ – boeʔ (ବୃଦ୍ଧୁଣୀ)

କେତେକ ପ୍ରାଣୀ କ୍ଷେତ୍ରରେ ସ୍ୱତନ୍ତ୍ର ଲିଙ୍ଗ-ବୋଧକ ଶବ୍ଦ ପ୍ରୟୋଗ କରାଯାଏ ।

ଅଣ୍ଡିର ପୁରୁଷ ଛେଳି – gwaʔlo, ମାଈ – nsembeʔ

ଘଣ୍ଟା କୁକୁଡ଼ା – bsoʔ – sxŋ କୁକୁଡ଼ା – gsxŋ

ଷଣ୍ଢ – sõnd – gweʔ ଗାଈ – hrweʔ

କୁକୁର – gsuʔ ମାଈ – paṛi-suʔ

ବୋଦାଛେଳି – boŋka – miʔ ଛେଳି – gmiʔ

ଲିଙ୍ଗ ପରବର୍ତ୍ତୀକ ପ୍ରତ୍ୟୟ ଯୋଗେ ମଧ୍ୟ ସ୍ତ୍ରୀଲିଙ୍ଗ ଶବ୍ଦ ଉତ୍ପାଦନ କରାଯାଏ ।

ଯଥା :—ḍokra – ḍukri (ବୁଢ଼ାବୁଢ଼ୀ), budra – budri (ବୁଧବାରଜାତ ପୁଅ-ଝିଅ)

**ବଚନ**

ଡିଡାୟୀ ଭାଷାରେ ବିଭିନ୍ନ ବଚନ ନିର୍ଦ୍ଦେଶ କରିବାର ପଦ୍ଧତି ନିମ୍ନବିଧ—

(୧) ଏକବଚନ— / ϕ / (ଅର୍ଥାତ୍ କୌଣସି ପ୍ରତ୍ୟୟ ବା ଚିହ୍ନ ଲାଗେ ନାହିଁ)

(୨) ଦ୍ୱିବଚନ— / pa / (mx-pa-ସେ ଦୁଇଜଣ, dokra-dokri-pa – ବୁଢ଼ାବୁଢ଼ୀ ଦୁଇଜଣ)

ମନୁଷ୍ୟ ସମ୍ବନ୍ଧରେ/mbaya/ବା/mbaya – noʔ/ (ଦୁହେଁ, ଦୁଇଜଣ) ଏବଂ ଇତର ପ୍ରାଣୀ ବା ଅପ୍ରାଣୀ କ୍ଷେତ୍ରରେ mbar – klig (ଦୁଇଟା) ବ୍ୟବହୃତ ହୁଏ । ଯଥା :—mbaya – noʔ remwa (ଦୁଇଜଣ ଲୋକ), mbar – klig – gsxŋ (ଦୁଇଟା କୁକୁଡ଼ା) ।

ଦେଶୀଅରୁ ଉଦାହୃତ /joṛek – (ଯୋଡ଼େ)/hɔlek/ (ହଳେ) ଇତ୍ୟାଦି ମଧ୍ୟ ବ୍ୟବହୃତ ହୁଏ ।

**ବହୁବଚନ**

/-hiŋ/ (remwa – hiŋ – ଲୋକମାନେ, murli – hiŋ – ମୁରଲୀ ଓ ଅନ୍ୟମାନେ ବା ମୁରଲୀର କୁଟୁମ୍ବ ଲୋକମାନେ) । ଏହା ବ୍ୟତୀତ ବହୁତ୍ୱବୋଧକ ଶବ୍ଦ ସଂଯୋଗରେ ବହୁବଚନ ଅଭିବ୍ୟକ୍ତ ହୁଏ । ଯଥା :—

| | | |
|---|---|---|
| manda | – | ପଲ/ଦଳ |
| rasi | – | ଗୋଠ |
| sappa | – | ସବୁ |
| gloy | – | ସାରା |
| gaṭi | – | ବେଶି |
| mabiṛ | – | ବହୁତ |

**କାରକ-ବିଭକ୍ତି**

ବିଭିନ୍ନ କାରକ ଅର୍ଥରେ ନିମ୍ନଲିଖିତ ବିଭକ୍ତି ପ୍ରତ୍ୟୟ ଓ ଅନୁସର୍ଗମାନ ବ୍ୟବହୃତ ହୁଏ ।

କର୍ତ୍ତା – ϕ (mosa ḍiŋ – ke – ମୋସା କଲା)

କର୍ମ – ke (ḍokra – ke basoŋ – ke – ବୁଢ଼ାକୁ ଡାକିଲା)

କରଣ – ḍxtte (ଦଡ଼ି – nsog ḍxttesiʔke – ଦଡ଼ିରେ ବାନ୍ଧିଲା)

ସମ୍ପ୍ରଦାନ – ke (amxke biʔla – ମତେ ଦିଅ)

hatla (ପାଇଁ – gorxo hatla bx – ke – ପିଲା ପାଇଁ ଆଣିଲା)

ଅପାଦାନ – baŋ (ḍua – baŋ tar – ke – ଘରୁ ବାହାରିଲା)

ସମ୍ବନ୍ଧ – ne (hni – neremwa – ଗାଆଁର ଲୋକ)

ଅଧିକରଣ – nnia (ନିକଟରେ – piṛi – nnia lxʔ – ke ପାହାଡ଼ରେ ଅଛି)

bitre (ଭିତରେ – ḍuabitre ga – ke ଘରେ ପଶିଗଲା)
alo (ତଳେ – slaʔalo ko – ke ଗଛମୂଳେ ବସିଲା)
aṛatra (ଉପରେ – koṭaṛtra bo – ke ଖଟ ଉପରେ ରହିଲା)

## ସର୍ବନାମ

(କ) ବ୍ୟକ୍ତିବାଚକ ସର୍ବନାମ ପଦ :

| ପୁରୁଷ | ବଚନ | ମୂଳ ଶବ୍ଦ | ସଙ୍କେତ ରୂପ |
|---|---|---|---|
| ପ୍ରଥମ | ଏକ (ମୁଁ) | nxŋ | n – (m,ŋ,nḍ,ṽ) |
| | ଦ୍ୱି (ଆମେ ଦୁହେଁ) | nia | ni – |
| | ବହୁ (ଆମେ ସମସ୍ତେ) | nxʔ | neʔ – |
| | (ଆମେ, କେତେକଙ୍କୁ ଛାଡ଼ି) | nx | ne – |
| ଦ୍ୱିତୀୟ | ଏକ (ତୁ) | na | na – |
| | ଦ୍ୱି (ତୁମେ ଦୁହେଁ) | pa | pa – |
| | ବହୁ (ତୁମେମାନେ) | pe | pe – |
| ତୃତୀୟ | ଏକ (ସେ/ଏ) | mx/k-mx | ϕ – |
| | ଦ୍ୱି (ସେ ଦୁହେଁ) | mx-pa/k-mx-pa | ϕ – |
| | ବହୁ (ସେମାନେ) | mx-hiŋ/kmx-hiŋ | ϕ – |
| ଅନିର୍ଦ୍ଦିଷ୍ଟ | ଏକ (କିଏ, ଯିଏ) | ja | ϕ – |
| | ବହୁ (କେଉଁମାନେ) | ja-ja | ϕ – |

ସର୍ବନାମ ପଦର କାରକ ରୂପରେ ବ୍ୟବହୃତ ବିଭକ୍ତି ଚିହ୍ନ ବିଶେଷ୍ୟ ପଦ ସହିତ ସମାନ । କେବଳ କର୍ମକାରକରେ /a – / ପୂର୍ବ ପ୍ରତ୍ୟୟ ଲାଗେ । ଯଥା :— (ତାକୁ) a-mx-ke (ମତେ) a-nxŋ-ke ଇତ୍ୟାଦି । ସ୍ଥଳବିଶେଷରେ – ke ଯୋଡ଼ିବା ମଧ୍ୟ ଅନାବଶ୍ୟକ ହୁଏ ।

(ଖ) ନିର୍ଦ୍ଦେଶକ :

ସାଧାରଣ – ନିକଟବର୍ତ୍ତୀ (ଏହା) kxn
ଦୂରବର୍ତ୍ତୀ (ତାହା) txn
ଅନିର୍ଦ୍ଦିଷ୍ଟ (କେଉଁ, କଣ) mxʔ
(କିଏ କି) ja-nḍe
(କିଏ ହେଲେ) ja-ṛig
(କୌଣସି ଏକ) mxʔ-mmwiŋ

ବିଶିଷ୍ଟ – ସମତଳରେ ଦୂରବର୍ତ୍ତୀ nu (ସିଧା ଦେଖାଇବା)
ଉଚ୍ଚାଣିରେ ଦୂରବର୍ତ୍ତୀ ti (ତଳୁ ଉପରକୁ ଦେଖାଇବା)
ଗଡ଼ାଣିରେ ଦୂରବର୍ତ୍ତୀ ri (ଉପରୁ ତଳ ଆଡ଼କୁ ଦେଖାଇବା)
ଗାତ ଭିତରେ ଦୂରବର୍ତ୍ତୀ su (ମୁହଁକୁ ଭିତର ଆଡ଼କୁ ଦେଖାଇବା)

ଏହି ଦୂରତାର ପରିମାଣ କ୍ରମଶଃ ନିମ୍ନଲିଖିତ ଉପାୟରେ ବଢ଼ାଇ ପ୍ରକାଶ କରାଯାଇ ପାରେ ।

| (1) | (2) | (3) | (4) |
|---|---|---|---|
| nu – oʔnu | noʔ – nu | no – oʔnu | nu – noʔnu |
| ti – oʔti | toʔ – ti | ti – oʔti | ti – toʔti |
| ri – oʔri | roʔ – ri | ri – oʔri | ri – roʔri |
| su – oʔsu | soʔ – su | su – oʔsu | su – soʔsu |

ଏହାକୁ ଅଧିକ ବଢ଼ାଇବାକୁ ଚାହିଁଲେ ପୁଣି (nu) ଯୋଗ କରାଯାଇପାରିବ । ଯଥା—

| (5) | (6) | (7) | (8) | (9) |
|---|---|---|---|---|
| nu-su | – nu-oʔsu | – nu-soʔsu | – nu-su-oʔsu | – nu-su-soʔ-su |

ଏହା ବ୍ୟତୀତ ସିଧାସଳଖ ଅବସ୍ଥାନ ଜନିତ ନିମ୍ନଲିଖିତ ନିର୍ଦ୍ଦେଶକଗୁଡ଼ିକ ଦ୍ୱାରା ଚିହ୍ନିତ କରାଯାଏ ।

| ଉପରୁ ତଳ ଆଡ଼କୁ (↓) | ତଳୁ ଉପର ଆଡ଼କୁ (↑) |
|---|---|
| aṛatra/inti | aṛatra |
| jaʔtwa | mõja |
| mõja | taʔnia |
| alo | alo/insu |

ନିର୍ଦ୍ଦେଶକ ପଦ ହେଉଛି/ – ne/ (ଟା, ଟି) ଯୋଗକରି ବସ୍ତୁବିଶେଷକୁ ନିର୍ଦ୍ଦିଷ୍ଟ କରାଯାଏ । ଯଥା— alo – ne (ତଳଟା), oʔnu – ne (ଦୂରରଟା), kxn – ne (ଏହିଟି) ଇତ୍ୟାଦି ।

**ବିଶେଷଣ**

ଭତ୍ରୀ ଭାଷାରେ ନିଜସ୍ୱ ବିଶେଷଣ ପଦ ସ୍ୱଳ୍ପ । ଅଧିକାଂଶ ପଦ ବିଶେଷ୍ୟ, ସର୍ବନାମ ଓ କ୍ରିୟାପଦରୁ ନିର୍ମିତ କରାଯାଇଥାଏ ।

ବିଶେଷ୍ୟ ପଦର ପୂର୍ବରୁ ନିର୍ଦ୍ଦେଶକ ଭାବରେ କିମ୍ବା ପରେ ବିଧେୟ ଭାବରେ ବିଶେଷଣ ପଦର ପ୍ରୟୋଗ କରାଯାଏ । ଯଥା—

mx rubug – kne uli coŋ – ke (ସେ ପକ୍ୱ ଅମ୍ବ ଖାଇଲା)
mx coŋ – kne ulirubug lxʔke (ସେ ଖାଇଲା ଅମ୍ବଟା ପକ୍ୱ ଥିଲା)
mx tmi – poa behar – ke (ସେ ନୂଆ ଲୁଗା କିଣିଲା)
kxn patai tmi – ṛa (ଏ ଲୁଗା ନୂଆ)

(କ) ସାଧାରଣ ବିଶେଷଣ ପଦ :

ଗୁଣବାଚକ – bɔl (ଭଲ), dodia (ଖରାପ), niman (ଠିକ୍), soba (ସୁନ୍ଦର), loṛa (ଦରକାରୀ), hjaʔ (ସହଜ) ଇତ୍ୟାଦି ।

ଗତିବାଚକ – jiaʔ jiaʔ (ଚଞ୍ଚଳ), leʔga (ଧୀର)

ରଙ୍ଗବାଚକ - tlwe (ଧଳା), hṛxʔ (କଳା), ci (ଲାଲ), ssia (ହଳଦିଆ), gnwar (ଛୁଟ), sawila (ସବୁଜ)

ସ୍ୱଭାବବାଚକ - ḍokra (ବୁଢ଼ା), ŋgire (ସୁନ୍ଦର), bawir (ପୁରୁଣା), tmi (ନୂଆ) cri (ବଡ଼), lja (ଅସୁନ୍ଦର), clx (ଲମ୍ବା), osar (ଚଉଡ଼ା), cipa (ଅପରିଷ୍କାର), kbaŋ (ମୋଟା), kaŋ (ବଙ୍କିଆ)

ସ୍ଥିତିବାଚକ - s'sx (ଆଗ), hṛiŋ (ପଛ), mõjx (ମଝି), aṛatra (ଉପର)

ଗୁଣବାଚକ - kaṭiŋ (କୃପଣ), maḍuŋ (ଅଳସୁଆ), cutur (ଚତୁର), niwal (ସାଦା), loʔgwa (ଧାକୁଆ), digca (ଲାଜକା), gagṛe (ମୋଟା)

ଦ୍ରବ୍ୟ ପ୍ରକୃତିବାଚକ -- sbo (ସ୍ୱାଦ), mṛx (ମିଠା), bcweʔ (ଖଟା), bsx (ପିତା), lgiŋ (ଔଜଳିଆ), ggiʔ (ନେହ୍ମ), cwiʔ (ଝଣ୍ଡା), brwa (କଷା), lwir (ପତଳା), sweʔṛa (ସିଝା), baŋṭo (ବଙ୍କା), lboŋ (ଓଦା), sḍo (ଟାଣୁଆ), kligḍa (ଟୋଟା), bṛoŋga (ଟିଲା) ଇତ୍ୟାଦି ।

(ଖ) ବିଶେଷ୍ୟ ସ୍ଥାନରୁ ପଦରୁ ପ୍ରତ୍ୟୟଯୋଗରେ ଗଠିତ ବିଶେଷଣ ପଦ :

- ḍr/ra - brwa - nḍa (କଷା), klig - ḍa (ଟୋଟା), tmiṛa - ନୂଆ
- rxg/ṛxg - tmwaʔ - ṛxg (ବଡ଼ପାଟିଆ, କୁହାଳିଆ), kseʔ - ṛxg (ହୁଂଶିଆ)
- mxg - bṭo - mxg (ଡଲ୍ଲୁଆ)
- lxg - munḍi - lxg (ଝିଳକୁଆ)
- bxg - nswar - bxg (ଶୁଙ୍ଘିଲ)
- kwa - bol - kwa (ଭଲ)
- ṛia - ble - ṛia (ପାଚିଲା)
- ne - (nxŋ - ne ḍḍu) tiar - ne (କମ୍ବାରା)

(ଗ) କ୍ରିୟାପଦରୁ ଜାତ ବିଶେଷଣ ପଦ :

+ kne (ବର୍ତ୍ତମାନ ସୂଚକ - ke + - ne (ସମ୍ବନ୍ଧବାଚକ ବା କର୍ତ୍ତୃବାଚକ)
rubug - kne alu (ପଚୁ ଆଳୁ)
hṛxʔ - kne soka (କଳା ଜାମା)
cwar - bo - kne - ĩhiṛ (ଶୁଖାଇଥିବା ଚାଉଳ)
+ lxʔ kne (ସମ୍ପନ୍ନ ଅତୀତ କାଳସୂଚକ - lxʔ - ke + ne)
ḍulxg lxʔ - kne - remwa (ଶୋଇଲା ଲୋକ)
cṛi lxʔ - kne puṭan (ବଢ଼ିଥିବା ପୋଷଣ)
nswar lxʔ kne ĩhir (ଶୁଙ୍ଘି ରହିଥିବା ଚାଉଳ)

(ଘ) ସର୍ବନାମ ପଦରୁ ନିଷ୍ପନ୍ନ ବିଶେଷଣ ପଦ :

ନିକଟ ନିର୍ଦ୍ଦେଶକ —k– (ଏ) ଓ ଦୂର ନିର୍ଦ୍ଦେଶକ, —t– (ସେ, ତାହା)
ପ୍ରଶ୍ନବାଚକ – ṛi (କେ) ପଦରୁ ନିମ୍ନଲିଖିତ ଭାବରେ ବିବିଧ ବିଶେଷଣ ପଦ ଗଠିତ ହୁଏ ।

| | —k– | –t– | –ṛi– |
|---|---|---|---|
| ସ୍ଥାନ – (ଏଠି) | a – k (ke, kxn, kwa?) | a – t (-te, anḍi, txn, -twa?) | |
| ପାର୍ଶ୍ୱ – (ଏପାଖ) | aŋ – k | aŋ – t | — |
| (ସେପାଖ) | ŋ – k | iŋ – t | — |
| ଆକାର – (ଏଡ଼େକ) | mo? – kxn ଅଥବା – mwe? | mo? – txn | mo? – ṛi |
| ପରିମାଣ – (ଏତେକ) | o? – k (ଅଥବା – we?) | o? – t | o? – ṛi |
| ରୀତି – (ଏମିତି) | ḍx – k | ḍx – t | ḍi – ḍi |
| ସାଦୃଶ୍ୟ – (ଏପରି) | ḍe? – kwa | ḍe? – twa | — |

(ଙ) ସଂଖ୍ୟାବାଚକ ବିଶେଷଣ ପଦ :

ଡିଡାୟୀ ଭାଷାରେ ଗଣନାତ୍ମକ ମୂଳ ସଂଖ୍ୟା ଶବ୍ଦ ନିମ୍ନବିଧ । କ୍ରମବାଚକ ଶବ୍ଦ ନାହିଁ ।

୧ – mmwiŋ (me = me – swa ଏକ ଦିନ, mi = mi – lwe (ଏକସପ୍ତାହ)
୨ – mbar (bar = bar – si ଦୁଇ ଦିନ, mba = mbaya (ଦୁଇଜଣ)
୩ – nji (jir = jir – si ତିନି ଦିନ)
୪ – õ
୫ – malwe (mal = mwã ପାଞ୍ଚବର୍ଷ)
୬ – tur
୭ – gu
୮ – tma
୯ – sontiŋ
୧୦ – gua (go = go – mbar ବାର)

ଏଥିରୁ ଅନ୍ୟାନ୍ୟ ସଂଖ୍ୟା ଶବ୍ଦ ଯୌଗିକ ରୂପେ ଗଠିତ ହୁଏ । ଯଥା—

୧୧ – go – mmuiŋ
୧୨ – go – mbar
୧୩ – go – nji
୧୪ – go – hõ
୧୫ – go – mal
୧୬ – go – gu
୧୭ – go – tur

୮ – go – tma

୯ – go – sontiŋ

୨୦ – go – solga/kuṛi

କୋଡ଼ିଏ ପରେ kuri' ଏକକ ଭିତ୍ତିରେ ଅନ୍ୟାନ୍ୟ ସଂଖ୍ୟା ଶବ୍ଦ ଗଠିତ ହୁଏ । ଯଥା—

୨୧ – mmuiŋ kuṛi mmuiŋ

୪୩ – mbar kuṛi nji

୧୦୦ – mal kuri/soe

ବିଶେଷଣ ଭାବରେ ବ୍ୟବହୃତ ସଂଖ୍ୟା ଶବ୍ଦ ପରେ ବିଶେଷ୍ୟ ପଦର ବର୍ଗ-ଶବ୍ଦ ପ୍ରଯୁକ୍ତ ହୁଏ । ବଡ଼ ବଡ଼ ଜନ୍ତୁ ପାଇଁ – bha' (ମୁଣ୍ଡ), ସାନ ଜନ୍ତୁ ଏବଂ ବଡ଼ ଜନ୍ତୁ ପାଇଁ – klig (ଗୋଟା) ଏବଂ ମନୁଷ୍ୟଙ୍କ ପାଇଁ ନିମ୍ନଲିଖିତ ବର୍ଗ-ଶବ୍ଦ ଲଗାଯାଏ ।

| | |
|---|---|
| ଜଣେ – mmwiŋ – ja | ଛଅଜଣ – tur – ḍa |
| ଦୁଇଜଣ – mba – ya | ସାତଜଣ – gu – rwa |
| ତିନିଜଣ – nji – rwa | ଆଠଜଣ – tma – rwa |
| ଚାରିଜଣ – õ – rwa | ନଅଜଣ – sontiŋ – re |
| ପାଞ୍ଚଜଣ – mal – ḍa | ଦଶଜଣ – gua – re |

ଅନ୍ୟ ପକ୍ଷରେ ଛଅଟା ବାଘ tur – bha' nku, ତିନିଟା କୁକୁଡ଼ା, nji – klig – gsxŋ, ଦୁଇଟା ଆମ୍ବ mbar – kliguli ଇତ୍ୟାଦି କୁହାଯାଏ ।

## କ୍ରିୟା

କ୍ରିୟାପଦର ରୂପ ରଚନା ପାଇଁ କେତୋଟି ଉପାଦାନ ଆବଶ୍ୟକ । ଯଥା—

୧ – ଧାତୁ

୨ – କାଳ/ଭାବ ସଙ୍କେତ

୩ – ପୁରୁଷ – ବଚନ ସଙ୍କେତ

୪ – ସହାୟକ କ୍ରିୟା

୫ – ଅଭିମୁଖ୍ୟ (ସମ୍ପନ୍ନତା/ଅସମ୍ପନ୍ନତା) ସଙ୍କେତ

୬ – ପ୍ରେରଣାର୍ଥ, ନିଷେଧାର୍ଥ ବା ଅନ୍ୟାନ୍ୟ ଅର୍ଥର ସଙ୍କେତ

ଏହି ଉପାଦାନଗୁଡ଼ିକ ନିର୍ଦ୍ଦିଷ୍ଟ କ୍ରମରେ ସଜାଇ କ୍ରିୟାପଦ ରଚନା କରାଯାଏ । ଉପାଦାନ ସଜାଇବାର କ୍ରମ ନିମ୍ନଲିଖିତ ସୂତ୍ରଗୁଡ଼ିକରୁ ଅନୁଧେୟ ।

(କ) ସରଳ ରୂପ କ୍ରିୟାପଦ :

ପୁରୁଷ – ବଚନ + {(ନିଷେଧାର୍ଥ) (ଶକ୍ତିସୂଚକ) (ପ୍ରେରଣାର୍ଥ)} + ଧାତୁ + କାଳ/ଭାବ

(ଖ) ଜଟିଳ ରୂପ କ୍ରିୟାପଦ :

(ପ୍ରେରଣାର୍ଥ) + (ପୁନରାବୃତ୍ତି) ଧାତୁ + ପୁରୁଷ – ବଚନ + (ନିଷେଧାର୍ଥ)
(ସର୍ତ୍ତମୂଳକ ଭାବ) + ସହାୟକ କ୍ରିୟା + କାଳ/ଭାବ

ଉଦାହରଣସ୍ୱରୂପ ନିମ୍ନଲିଖିତ ପଦଗୁଡ଼ିକର ଗଠନ ଦ୍ରଷ୍ଟବ୍ୟ :

(କ) ସରଳ ରୂପ – n – coŋ – ke (ମୁଁ ଖାଇଲି)

n – a – coŋ – ke (ମୁଁ ନ ଖାଇଲି)
m – pa – coŋ (ମୁଁ ଖାଅନ୍ତି)
n – a? – coŋ – ke (ମୁଁ ଖୁଆଇଲି)
n – a – ra? – coŋ – ke (ମୁଁ ନ ଖୁଆଇଲି)

(ଖ) ଜଟିଳ ରୂପ – c – coŋ – n – ḍiŋ – ke (ମୁଁ ଖାଉଛି)

olxŋ – n – ḍiŋ – ke (ମୁଁ ବୁଲୁଛି)
a? – nsiŋ – m – bo – ke (ମୁଁ ସିଝାଇଥିଲି)
c – coŋ – n – a – ḍiŋ – ke (ମୁଁ ଖାଉନାହିଁ)

(୯) **ଧାତୁ :** ଗଠନ ଓ ପ୍ରକୃତି ଦୃଷ୍ଟିରୁ କେତୋଟି ଶ୍ରେଣୀରେ ବାଣ୍ଟଯାଏ ।

(କ) ଏକାକ୍ଷରିକ ଧାତୁ :

ã (ଉଧର କରିବା), õ (ଶୁଣିବା), wa (ଡାକିବା), coŋ (ଖାଇବା), si? (କାଟିବା)

[ଏସବୁର ଅଗ୍ରରେ ଧାତୁ ପୁନରାବୃତ୍ତି ହୋଇ ଭୂମର୍ଥ ରୂପ ଗ୍ରହଣ କରେ । ଯଥା— o – õ, u – wa, c – coŋ, s – si? ଇତ୍ୟାଦି । ଅସମ୍ପନ୍ନ ଆତ୍ମମୁଖ୍ୟ କ୍ଷେତ୍ରରେ ଏପରି ପଦ ପ୍ରୟୋଗ କରାଯାଏ । ଯଥା—

ମୁଁ ଖାଉଛି : c – coŋ n – ḍiŋ – ke]

(ଖ) ସରଳ ବହ୍ୱାକ୍ଷରିକ ଧାତୁ :

ḍulxg (ଖୋଳିବା), olxŋ (ବୁଲିବା), rubug (ପଢିବା), mria (ଉଠିବା)

(ଗ) ଯୌଗିକ ଧାତୁ :

ବିଶେଷ୍ୟ + କ୍ରିୟା : bicar – ḍiŋ (ବିଚାରିବା)
କ୍ରିୟା + ବିଶେଷ୍ୟ (ଅଙ୍ଗ ବାଚକ) : gwe? – ti (ହାତ ଧୋଇବା)
sur – cu (ଜିଭରେ ଚଟାଇବା), be? – pa? (ଘର ବନ୍ଧାଇବା)
har – lia (ଜିଭ ବୁଲାଇବା)

କ୍ରିୟା୧ + କ୍ରିୟା୨ :

[୧–କାରଣ, ୨–କାର୍ଯ୍ୟ] di? – pia? (ଟିପି ହଣିବା), ha? – sia? (କାମୁଡ଼ି ଚିରିବା)

[୧-୨ କାର୍ଯ୍ୟର ଦୁଇ କ୍ରମିକ ପର୍ଯ୍ୟାୟ] jog - talak (ଟେକି ଫିଙ୍ଗିବା)
lig - mwe? (ହିପରେ ଚପି ବଳିବା)
wã - pag (ଟାଣି ଭାଙ୍ଗିବା)
po? - gxŋ (ଭୁଷି ପୁଟରେଇ କଣା କରିବା)

[୧-ଗତି ୨-କାର୍ଯ୍ୟ] e - bo (ଯାଇ ରହିବା)
raŋ - paŋ (ଅଣି ଅୟିବା)
we - ca? (ଯାଇ ପହଞ୍ଚିବା)

[୧-ପ୍ରଧାନ କାର୍ଯ୍ୟ ୨-ସହାୟକ କ୍ରିୟା] gwe? - we (ମରିଯିବା)
raŋ - bi? (ଅଣିଦେବା)

[୧-ପ୍ରଧାନ କାର୍ଯ୍ୟ ୨-ପରିପୂରକ କ୍ରିୟା] pag - ci (ଭାଙ୍ଗିଦେବା)
bo? - bxg (ଉପାଡ଼ିବା)
big - car (ବୁଣିଦେବା)
wa - sar (ଡାକିବା)
wiŋ - ha? (ଗାଳିଦେବା)
salia? - ku (ପଶୁଣିବା)

[୧-ପରିପୂରକ କ୍ରିୟା ୨-ପ୍ରଧାନ କାର୍ଯ୍ୟ] lag - ḍo (ପଳାଇବା)
to - sig (ଠିଆ ପୋଡ଼ିବା)
sa - gwe? (ହତ୍ୟା କରିବା)

[ସାଧାରଣତଃ କ୍ରିୟାପଦର ଆରମ୍ଭରେ ପୁରୁଷ-ବଚନ ସଙ୍କେତ ଯୋଗ କରାଯାଏ । ମାତ୍ର କେତେକ ଧରଣର ଯୌଗିକ କ୍ରିୟା କ୍ଷେତ୍ରରେ ୨ୟ କ୍ରିୟା ପୂର୍ବରେ ଏହା ବସାଯାଏ । ଯଥା— jog + n - talak - ke (ମୁଁ ଫିଙ୍ଗିଲି), lag + na - ḍo - ke (ତୁ ପଳାଇଲୁ), bicar + ne - ḍiŋ - ke (ଆମେ ବସୁରିଲୁଁ) ଇତ୍ୟାଦି ]

(୨) **କାଳ** : ଅତୀତ ଓ ଅନତୀତ (ବର୍ତ୍ତମାନ ଓ ଭବିଷ୍ୟତ) ଭେଦରେ ଦ୍ୱିବିଧ କାଳ ସଙ୍କେତ ଦେଖାଯାଏ ।

(କ) ଅତୀତ କାଳ ସଙ୍କେତ :

(ଅ) -ke/-te (ପାହାଡ଼ିଆ ବୋଲିରେ -te)
(ଆ) -ge

ଦୁଇ ପ୍ରକାରର ସଙ୍କେତ ମଧ୍ୟରେ ଭିନ୍ନ ଭିନ୍ନ ତାତ୍ପର୍ଯ୍ୟ ଦେଖାଯାଏ ।

| -ke/-te | -ge |
|---|---|
| ସାଧାରଣ, ଅନୁମିତ ଅତୀତ ସଙ୍କେତ | ବିଶିଷ୍ଟ ଅତୀତ ସଙ୍କେତ |
| ପ୍ରାଚୀନ, ସୁଦୂର ଅତୀତ | ଅର୍ବାଚୀନ, ନିକଟ ଅତୀତ |

| | |
|---|---|
| କର୍ତ୍ତା ଉପରେ ଲକ୍ଷ୍ୟ | କ୍ରିୟା ଉପରେ ଲକ୍ଷ୍ୟ |
| ବକ୍ତା ଅଡ଼କୁ ଗତ | ବକ୍ତାଠାରୁ ଦୂରକୁ ଗତ |
| ଏକ ନିର୍ଦ୍ଦିଷ୍ଟ ସ୍ଥିତିସୂଚକ | ନିର୍ଦ୍ଦିଷ୍ଟ ସ୍ଥିତିର ତାତ୍କାଳିକ ପରିବର୍ତ୍ତନସୂଚକ |
| ସାଧାରଣଭାବେ ଘଟନାସୂଚକ | ଗୁରୁତ୍ୱ ସହକାରେ ସମାପ୍ତି ସୂଚକ |
| ବର୍ତ୍ତମାନକାଳିକ ଅଭିମୁଖ୍ୟ ସଙ୍କେତ | ଅତୀତକାଳିକ ଅଭିମୁଖ୍ୟ ସଙ୍କେତ |

ଉଦାହରଣ :

mxcili coŋ – ke (ସେ ମାଂସ ଖାଇଲା/ଖାଏ) – coŋ – ge (ଏବେ ଖାଇଲା)
mxḍua wig – ke (ସେ ଘରେ ଅସିଲା) – wig – ge (ଘରେ ଗଲା)
anxŋ kṛeso? – ke (ମତେ ଭୋକ କଲାଣି) – amxkṛeso? – ge (ତାକୁ ଭୋକ କଲାଣି)
puṭan crilx – ke (ପୋଖରୀ ଗଭୀର) – cri – ge (ଗଭୀର ହୋଇଗଲା)
mxḍulxg – ke (ସେ ଶୋଇଲା) – n – ḍulxg – ge (ମୁଁ ବେଗ ଶୋଇଲା)
uli ble – ke (ଆମ୍ବ ଧାଡ଼େ, ବରବର ପାଚିଲା) – ble – ge (ଏବେ ପାଚିଲାଣି)
olxy ḍiŋ – ke (ଭୁଲୁଛି) – olxŋ ḍiŋ – ge (ଭୁଲିଥିଲା)
ḍulxg lx – ke (ଶୋଇଛି) – ḍulxg lx? – ge (ଶୋଇଥିଲା)

ଅତଏବ ଉଲ୍ଲେଖନୀୟ :

– ke ସାମାନ୍ୟ ବର୍ତ୍ତମାନ ବା ଅଭ୍ୟାସିକ ଭାବ ବୁଝାଏ । (pligwale? – ke – ଚଢ଼େଇ ଉଡ଼ନ୍ତି)
– ge ଅକର୍ମକ କ୍ରିୟାସହ ସମାପ୍ତି ବୁଝାଏ । (sari – ge – ଫୁଲ ଫୁଟିଗଲା)
ସ୍ଥିତିସୂଚକ କ୍ରିୟାସହ ସ୍ଥିତିର ପରିବର୍ତ୍ତନ ବୁଝାଏ । (tlwe – ge – ଧଳା ହୋଇଗଲା)
ଗତିବାଚକ କ୍ରିୟାସହ ବକ୍ତାଠାରୁ ଦୂରକୁ ଯିବା ବୁଝାଏ । (ḍo – ge – ପଳାଇଗଲା)
ପ୍ରଶ୍ନବାଚକ କ୍ରିୟାର ଉତ୍ତରରେ ନିଶ୍ଚିତ ଜବାବ ବୁଝାଏ ।
(coŋ – ke – ṛe? – ଖାଇଲ କି ? – coŋ – ge – ହଁ, ଖାଇଲି)
ଏହାସବୁ ଦାବି ପ୍ରମାଣ କରୁଥିବାରୁ – ge ନିମ୍ନଲିଖିତ ସ୍ଥଳରେ ଆଦୌ ବ୍ୟବହୃତ ହୁଏନାହିଁ ।
ନକାରାର୍ଥକ କ୍ରିୟାରେ (a – coŋ – ke – ଖାଇଲ ନାହିଁ/a – coŋ – ge ବ୍ୟବହାର ହୁଏନାହିଁ)
କ୍ରିୟାର କରଣ ରେ (nsiŋ – ke – ne – ସିଝିଲ କି ନାହିଁ/nsiŋ – ge – ne ବ୍ୟବହାର ହୁଏନାହିଁ ।
kalaha? (ଝଗଡ଼ା) ରେ (kalaha? coŋ – ke – ଝଗଡ଼ା ଖାଏ/kalaha? coŋ – ge ବ୍ୟବହାର ହୁଏନାହିଁ)
paŋ (ଆସିବା) କ୍ରିୟାରେ (paŋ – ke ଆସିଲା/paŋ – ge ବ୍ୟବହାର ହୁଏନାହିଁ )

(ଖ) ଅଣ ଅତୀତ କାଳ ସଙ୍କେତ :

-e/ -we (ପାଲାହଡ଼ା ବୋଲିରେ -wẹ) ସାଧାରଣ ବର୍ତ୍ତମାନ ଓ ସାଧାରଣ ଭବିଷ୍ୟତ କାଳକୁ ବୁଝାଏ । ଯଥା— mx cili coŋ - e (ସେ ମାଂସ ଖାଏ/ସେ ମାଂସ ଖାଇବ) ଭବିଷ୍ୟତ କାଳର ଅଭିମୁଖ୍ୟ ଏହି ସମ୍ଭାବ୍ୟ ଭାବକୁ ବୁଝାଏ । ଯଥା— mx ḍulxg ḍiŋ - e (ସେ ଶୋଇଥିବ) lx? - e (ସେ ଶୋଇଥିବ)

ଉଲ୍ଲେଖନୀୟ ଯେ ନାସ୍ତ୍ୟର୍ଥକ କ୍ରିୟାପଦରେ ଏହି ପ୍ରତ୍ୟୟ ଯୁକ୍ତ ହୁଏନାହିଁ । ଯଥା—mx we - e (ସେ ଯିବ) - mx a - we (ସେ ଯିବ ନାହିଁ)

(ଗ) ଭାବ ;

ଦୁଇଟି ଭାବ ସମ୍ବନ୍ଧରେ ସ୍ୱତନ୍ତ୍ର ସଙ୍କେତ ବ୍ୟବହାର କରାଯାଏ ।

(କ) ବର୍ତ୍ତିମୂଳକ ଭାବ - pa -

ଏହା ଧାତୁ କିମ୍ବା ଅଭିମୁଖ୍ୟସୂଚକ ସହାୟକ କ୍ରିୟା ପୂର୍ବରେ ଲଗାଯାଏ । ଯଥା— m - pa - coŋ (ମୁଁ ଖାଉନ୍ତି) c - coŋ - m - pa - ḍiŋ (ମୁଁ ଖାଉଥାନ୍ତି)

କିନ୍ତୁ ନାସ୍ତ୍ୟର୍ଥକ କ୍ରିୟାପଦରେ ଏହାର ପ୍ରୟୋଗ ସ୍ଥାନ ଭିନ୍ନ ହୁଏ । ଯଥା—

n - a - coŋ - pa - ḍiŋ (ମୁଁ ନ ଖାଉନ୍ତି)

c - coŋ - n - a - ḍiŋ - pa - ḍiŋ (ମୁଁ ନ ଖାଉଥାନ୍ତି)

(ଘ) ଆଦେଶବାଚକ ଭାବ :

(ଅ) ମଧ୍ୟମ ପୁରୁଷ ପ୍ରତି : Φ (na coŋ - ତୁ ଖା)

- la କେବଳ କେତେକ ବିଶିଷ୍ଟ କ୍ରିୟାରେ (ସାଧାରଣତଃ ଗତିବାଚକ) ଲଗାଯାଏ । ଯଥା— ko - la - ବସ, we - la - ଯାଅ । କ୍ରିୟାର କର୍ମ ତୃତୀୟ ବ୍ୟକ୍ତି ନ ହୋଇ ବକ୍ତା ହୋଇଥିଲେ ଏହା ଲଗେ । ଯଥା—amx ke bi? - ତାକୁ ଦିଅ, anxŋ ke bi?la - ମତେ ଦିଅ)

- ge (ନାସ୍ତ୍ୟର୍ଥକ କ୍ରିୟାରେ ଲଗେ । ଯଥା—a - coŋ - ge ଖାଅ ନାହିଁ ।

a - ko - ge - ବସ ନାହିଁ ।

ଉଲ୍ଲେଖନୀୟ ଯେ, ଦ୍ୱିବଚନ ଓ ବହୁବଚନ ସର୍ବନାମ ସଙ୍କେତ କ୍ରିୟାପଦର ଶେଷରେ ମଧ୍ୟ ପ୍ରଯୁକ୍ତ ହୁଏ । ଯଥା—pa ko - la - pa (ତମେ ଦୁହେଁ ବସ) pe ko - la - pe (ତମେମାନେ ବସ), pa a - ko - ge - pa (ତୁମେ ଦୁହେଁ ବସ ନାହିଁ)

(ଆ) ଅନ୍ୟ ପୁରୁଷ ପ୍ରତି : le? (mx coŋ - le? ସେ ଖାଉ/mx - hiŋ a - coŋ - le? ସେମାନେ ନ ଖାଆନ୍ତୁ)

### (୪) ଅଭିମୁଖ୍ୟ :

ଏହା ଦ୍ୱିବିଧ – ଅସମ୍ପନ୍ନ (କ୍ରିୟା ଚାଲିଥିବ) ଓ ସମ୍ପନ୍ନ (କ୍ରିୟା ସରିଥିବ) । ଏହା ନିମ୍ନଲିଖିତ ସହାୟକ କ୍ରିୟାପଦ ସହଯୋଗରେ ଅଭିବ୍ୟକ୍ତ ହୁଏ । ଉଲ୍ଲେଖନୀୟ ଯେ, ସମସ୍ତ ପ୍ରକାର ପ୍ରତ୍ୟୟ ଏହା ସହିତ ହିଁ ସଂଯୁକ୍ତ ହୁଏ ।

(କ) ḍiŋ (ହେବା, କରିବା) ଅସମ୍ପନ୍ନ ସହାୟକ

ଏହାର ପ୍ରୟୋଗ ହେଲେ ଏକାକ୍ଷରିକ ଧାତୁ ପୁନରାବୃତ୍ତ ହୁଏ (ଯଥା—coŋ>c – coŋ)

ବର୍ତ୍ତମାନ କାଳରେ ପ୍ରୟୋଗ ହେଲେ – ke (ଅତୀତ ଚିହ୍ନ) ଲାଗେ । (ଯଥା—ମୁଁ ଖାଉଛି—nxŋ c – coŋ nḍlŋ – ke)

ଅତୀତ କାଳରେ ପ୍ରୟୋଗ ହେଲେ – ge (ଅତୀତ ଚିହ୍ନ) ଲାଗେ । (ଯଥା—ମୁଁ ଖାଉଥିଲି – nxŋ c – coŋ nḍiŋ – ge)

ଅନ୍ୟାନ୍ୟ କାଳ/ଭାବରେ ସେହି କାଳ/ଭାବର ପ୍ରତ୍ୟୟ ଲାଗେ । (ଯଥା—ଭବିଷ୍ୟତରେ nxŋ c – coŋ nḍiŋ – e ମୁଁ ଖାଉଥିବି ।

ସର୍ତ୍ତମୂଳକ ଭାବରେ nxŋ c – coŋ mpa̤ – ḍiŋ ମୁଁ ଖାଉଥାନ୍ତି ।
ଆଦେଶ ଅର୍ଥରେ na ( – coŋ ḍiŋ – la ତୁ ଖାଉଥା)

(ଖ) – lxˀ (ରହିବା, ଥିବା) ସମ୍ପନ୍ନ ସହାୟକ (କ୍ରିୟା କର୍ତ୍ତା ସଂପୃକ୍ତ ଥିଲେ)

– bo (ରଖିବା) ସମ୍ପନ୍ନ ସହାୟକ (କ୍ରିୟା କର୍ମ ସମ୍ପୃକ୍ତ ଥିଲେ)
ଏ କ୍ଷେତ୍ରରେ ମଧ୍ୟ ବର୍ତ୍ତମାନ କାଳରେ – ke, ଅତୀତ କାଳରେ – ge ଏବଂ ଅନ୍ୟାନ୍ୟ କାଳ/ଭାବରେ ତଦନୁରୂପ ପ୍ରତ୍ୟୟ ଲାଗେ । ଯଥା—

| | |
|---|---|
| nxŋ coŋ n – lxˀ – ke | ମୁଁ ଖାଇଛି |
| nxŋ coŋ n – lxˀ – ge | ମୁଁ ଖାଇଥିଲି |
| nxŋ coŋ n – lxˀ – e | ମୁଁ ଖାଇଥିବି |
| nxŋ coŋ n – pa – lxˀ | ମୁଁ ଖାଇଥାନ୍ତି |
| na coŋ lxˀ – la | ତୁ ଖାଇଥା |

ପ୍ରେରଣାର୍ଥକ କ୍ରିୟା କ୍ଷେତ୍ରରେ କର୍ମ ସମ୍ପୃକ୍ତ ହୁଏ । ତେଣୁ ସେ କ୍ଷେତ୍ରରେ – lxˀ ପରିବର୍ତ୍ତେ – bo ଲାଗେ । ଯଥା—

| | |
|---|---|
| nxŋ aˀnsiŋ m – bo – ke | ମୁଁ ଶିଖାଇଛି |
| na aˀnsiŋ na – bo – ge | ତୁ ଶିଖାଇଥିଲୁ |

**(୫) ପୁରୁଷ-ବଚନ :**

କ୍ରିୟାର କର୍ତ୍ତା କେଉଁ ପୁରୁଷ ଓ କ ବଚନ ତାହାର ସଙ୍କେତ କ୍ରିୟାପଦର ଆରମ୍ଭରେ (ସହାୟକ କ୍ରିୟା ଥିଲେ ତାର ଆରମ୍ଭରେ) ଯୋଗ କରାଯାଏ । କେଉଁ ସର୍ବନାମ ପଦର ସଂକେତ କଣ ତାହା ପୂର୍ବରୁ ସର୍ବନାମ ପ୍ରସଙ୍ଗରେ ଉଲ୍ଲେଖ କରାଯାଇଛି । ସେଥିରୁ ଜଣାଯାଏ ଯେ, ତୃତୀୟ ପୁରୁଷର ସଙ୍କେତ ଚିହ୍ନ କିଛି ନାହିଁ । ୧ମ ଓ ୨ୟ ପୁରୁଷର ସଙ୍କେତ ଚିହ୍ନ ନିମ୍ନବତ :

| | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ୧ମ ପୁରୁଷ | n | ni | neʔ (ଶ୍ରୋତା ଅନ୍ତର୍ଭୁକ୍ତ) ne (କେତେକ ବହିର୍ଭୂତ) |
| ୨ୟ ପୁରୁଷ | na | pa | pe |

[ଉଲ୍ଲେଖଯୋଗ୍ୟ ଯେ, ୧ମ ପୁରୁଷ ଏକବଚନର n ନିମ୍ନଲିଖିତ ସ୍ଥଳରେ କ୍ରିୟାର ଆଦ୍ୟ ଧ୍ୱନି ଅନୁସାରେ ପରିବର୍ତ୍ତିତ ହୁଏ । ସାଧାରଣତଃ – n (n – coŋ); v̰ ଅର୍ଥାତ୍ ଅନୁନାସିକ ସ୍ୱରଧ୍ୱନି । ସ୍ୱରାଦ୍ୟ ପଦରେ (ũ – wa, õ – õ, ũ – ug – ũ – baʔ); ŋ କଣ୍ଠ୍ୟଧ୍ୱନି ପୂର୍ବରୁ (ŋ – ko, ŋ – gwar); m – ଓଷ୍ଠ୍ୟଧ୍ୱନି ପୂର୍ବରେ (m – bo, mpoʔ); nḍ – 'ର' – ଧ୍ୱନି ପୂର୍ବରୁ (nd – rweʔ)]

**(୬) ସହାୟକ କ୍ରିୟା :**

ମୂଳ କ୍ରିୟାର ବିଶେଷ ଭାବ ଓ ଆଭିମୁଖ୍ୟ ପ୍ରକାଶ କରିବା ପାଇଁ ସହାୟକ କ୍ରିୟା ବ୍ୟବହାର କରାଯାଏ । ଡିଡାୟୀ ଭାଷାରେ ନିମ୍ନଲିଖିତ ସହାୟକ କ୍ରିୟାମାନ ବିଭିନ୍ନ ଉଦ୍ଦେଶ୍ୟରେ ପ୍ରୟୋଗ କରାଯାଏ ।

(ଅ) – ḍiŋ (ଅଭିମୁଖ୍ୟ ପ୍ରସଙ୍ଗରେ ଆଲୋଚିତ)

(ଆ) – lxʔ (ଅଭିମୁଖ୍ୟ ପ୍ରସଙ୍ଗରେ ଆଲୋଚିତ)

(ଇ) – bo (ଅଭିମୁଖ୍ୟ ପ୍ରସଙ୍ଗରେ ଆଲୋଚିତ)

(ଈ) – miaʔ (ଜାଣିବା, ଶିଖିବା) ଅଭ୍ୟାସିକ ଅର୍ଥ ସୂଚିତ କରେ । ଯଥା—

nacili c – coŋ na – miaʔ – ke (ସେ ମାଂସ ଖାଏ/ଖାଇବାର ଜାଣେ)

(ଉ) – biʔ (ଦେବା) କାର୍ଯ୍ୟନିର୍ବାହ କରିବା ଅର୍ଥରେ – cu – biʔ (ପୋଛିଦେବା)raŋ – biʔ (ନେଇଦେବା) ଅନ୍ୟ ପାଇଁ କରିଦେବା ଅର୍ଥରେ – ria – biʔ (ପାଣି ତତାଇଦେବା)

(ଊ) – bx (ପଠାଇବା) ଅନ୍ୟଦ୍ୱାରା କାର୍ଯ୍ୟ କରାଇବା ଅର୍ଥରେ aʔ – gweʔti – bx – ke (ଜଣେକଦ୍ୱାରା ପିଲାର ହାତ ଧୂଆଇଲା)

(ଏ) – we (ଯିବା) ସମାପ୍ତି ହେବା ଅର୍ଥରେ – gweʔ – we – ge (ମରିଗଲା)

(ଓ) – ia (ପାରିବା) ସାର୍ଥକ ଅର୍ଥରେ – ḍ – ḍxʔ – ia – e (ଚଢ଼ିପାରିବା)

**(୭) ପ୍ରେରଣାର୍ଥ କକ୍ରିୟା :**

ସକର୍ମକ କ୍ରିୟାକୁ ପ୍ରେରଣାର୍ଥକ ରୂପରେ ଏବଂ ଅକର୍ମକ ଧାତୁକୁ ସକର୍ମକ ରୂପରେ ପରିବର୍ତ୍ତନ କରିବାର ଉପାୟ ଧାତୁ ସହିତ – aʔ ପ୍ରତ୍ୟୟର ସଂଯୋଗ । ଯଥା—

ସକର୍ମକ ଧାତୁ coŋ (ଖାଇବା)>aˀ coŋ (ଖୁଆଇବା)

ଅକର୍ମକ ଧାତୁ ḍulxg (ଶୋଇବା) >aˀ ḍulxg (ଶୁଆଇବା)

ଅକର୍ମକ ଧାତୁ gweˀ (ମରିବା)>aˀgweˀ (ମରାଇବା)

କେତେକ ସଂଯୁକ୍ତାକ୍ଷର ଆଦ୍ୟରେ ଥିବା ଧାତୁରେ ଏହି -aˀ- ମଧ୍ୟ-ପ୍ରତ୍ୟୟ ଭାବରେ ସଂଯୁକ୍ତ ହୁଏ । ଯଥା—

brwa (ବହିବା)>baˀrwa

bto (ଡରିବା)>baˀṭo

lwe (ମଉଳିବା)>laˀwe

plxg (ଓଲଟିବା)>paˀlxg

thwã (ଠିଆହେବା)>taˀhwã

ଏହିପରି -aˀ- ମଧ୍ୟ-ପ୍ରତ୍ୟୟଯୁକ୍ତ ଧାତୁରେ ମଧ୍ୟ ଅନେକ କ୍ଷେତ୍ରରେ ପୁନରାୟ -aˀ ପୂର୍ବ-ପ୍ରତ୍ୟୟ ଲଗାଯାଇପାରେ । ଏପରି କ୍ଷେତ୍ରରେ ପ୍ରେରଣାର୍ଥ ଅନ୍ୟ ଏକ ମାଧ୍ୟମଦ୍ୱାରା ସମ୍ପାଦିତ ହେଉଥିବାର ପ୍ରତୀତ ହୁଏ । ଯଥା—plog (କଣା ହେବା)>paˀlog (କଣା କରିବା)>aˀ-paˀlog (କଣା କରାଇବା)

mx thwã - ke (ସେ ଠିଆହେଲା)

mx goṛxo - ke taˀhwã - ke (ସେ ପିଲାକୁ ଠିଆ କରାଇଲା)

mx ḍianḍx - ke goṛxo - ke aˀ - taˀhwã - ke

(କିମ୍ବା aˀ - taˀhwã bx - ke) (ସେ ମାଆଦ୍ୱାରା ପିଲାକୁ ଠିଆ କରାଇଲା)

* ଉଲ୍ଲେଖନୀୟ ଯେ, ଏହି -aˀ ପ୍ରତ୍ୟୟ ସ୍ୱର-ବର୍ଣ୍ଣ ପରେ -raˀ ହୋଇଯାଏ । ସାଧାରଣତଃ ପ୍ରଥମ ଓ ଦ୍ୱିତୀୟ ପୁରୁଷ ସର୍ବନାମ-ସଙ୍କେତ ସହିତ -ṛaˀ/nḍṛaˀ ହୋଇଯାଏ । ଯଥା—

ମୁଁ ଖୁଆଇଲି - n - aˀ - coŋ - ke>n - raˀ - coŋ - ke>nḍṛaˀ - coŋ - ke

ତୁ ଖୁଆଇଲୁ - na - aˀ - coŋ - ke>na - raˀ - coŋ - ke

ସେ ଖୁଆଇଲା - mx aˀ - coŋ - ke (କିନ୍ତୁ ସେ ନ ଖୁଆଇଲା - mx a - raˀ - coŋ - ke)

## (୮) ନାସ୍ତ୍ୟର୍ଥକ କ୍ରିୟା :

ଅସ୍ତ୍ୟର୍ଥକ କ୍ରିୟାପଦ ପୂର୍ବରେ -a ଯୋଗକଲେ ତାହା ନାସ୍ତ୍ୟର୍ଥରେ ପରିଣତ ହୁଏ । ଯଥା—

mx coŋ - ke (ସେ ଖାଇଲା)>mx - a - coŋ - ke (ଖାଇଲା ନାହିଁ)

mx coŋlxˀ - ke (ସେ ଖାଉଛି)>mx coŋ a - lxˀ - ke (ସେ ଖାଉ ନାହିଁ)

mx aˀ - coŋ - e (ସେ ଖୁଆଇବ)>mx a - raˀ - coŋ (ସେ ଖୁଆଇବ ନାହିଁ)

ଏହି -a ପ୍ରତ୍ୟୟ ସ୍ୱର ସଙ୍ଗେ ମିଶିକରି ସର୍ବନାମ-ସଂକେତର ଅନ୍ତ୍ୟ ଧ୍ୱନି ସହିତ ସମାନ ହୋଇଯାଏ । ଫଳରେ ଅନ୍ତ୍ୟଧ୍ୱନିଟି ଦୀର୍ଘ ହୁଏ କିମ୍ବା ବଳଯୁକ୍ତ ହୁଏ । ଯଥା—

| ପୁରୁଷ | ବଚନ | ସାଧାରଣ ସଂକେତ | ନାସ୍ତ୍ୟର୍ଥକ ସଂକେତ | ବଳଯୁକ୍ତ |
|---|---|---|---|---|
| ୧ମ | ଏକ | N | N - na | N - a′ |
| | ଦ୍ୱି | ni | nii | ni′ |
| | ବହୁ | ne/neˀ | nee/neeˀ | ne′/neˀ |
| ୨ୟ | ଏକ | na | naa | na′ |
| | ଦ୍ୱି | pa | paa | pa′ |
| | ବହୁ | ˀpe | pee | pe′ |

ଏହି ସମସ୍ତ ନାସ୍ତ୍ୟର୍ଥକ ସର୍ବନାମ-ସଂକେତ ପରେ ପ୍ରେରଣାର୍ଥକ - raˀ ପ୍ରତ୍ୟୟ ହିଁ ଲାଗେ ( - aˀ ପ୍ରତ୍ୟୟ ଲାଗେ ନାହିଁ ) ।

* ସ୍ମରଣୀୟ, ପୂର୍ବରୁ ଭାବ ପ୍ରକରଣରେ ସୂଚାଇ ଦିଆଯାଇଛି ଯେ ଆଦେଶ ବାଚକ ନିଷେଧାତ୍ମକ କ୍ରିୟାରେ - ge ଯୋଗ କରାଯାଏ ଏବଂ ସତ୍ତାମୂଳକ କ୍ରିୟାରେ ନାସ୍ତ୍ୟର୍ଥକ ପ୍ରତ୍ୟୟ ଭିନ୍ନ ଭାବରେ ପ୍ରଯୁକ୍ତ ହୁଏ । ଯଥା—ତୁ ପିଇ - na - ug > ପିଅନା - naa ug - ge > ପିଅ ନାହିଁ - naaraˀ ug - ge ସେ ଖାଉଥାନ୍ତା— mx coŋ pa - lxˀ > ସେ ଖାଇ ନ ଥାନ୍ତା - mx coŋ a - lxˀ pa - diŋ

* ପୁନଶ୍ଚ ସ୍ମରଣୀୟ, ପୂର୍ବରୁ କାଳ ପ୍ରକରଣରେ ସୂଚାଇ ଦିଆଯାଇଛି ଯେ,— ge ପ୍ରତ୍ୟୟଯୁକ୍ତ ଅତୀତ କାଳ ସହିତ ନାସ୍ତିବାଚକ - a ଲାଗିଲେ, ତାହା - ke ହୋଇଯାଏ ଏବଂ ଭବିଷ୍ୟତ କାଳରେ - a ଲାଗିଲେ, ତାହାର - e ପ୍ରତ୍ୟୟ ପରିତ୍ୟକ୍ତ ହୁଏ । ଯଥା—

mx ḍo - ge (ସେ ପଳାଇଲା) > mx a - ḍo - ke (ସେ ପଳାଇଲା ନାହିଁ)
mx ḍo - e (ସେ ପଳାଇବ) > mx a - ḍo (ସେ ପଳାଇବ ନାହିଁ)

ଅନ୍ୟାନ୍ୟ ନାସ୍ତିବାଚକ ପ୍ରୟୋଗ—

(କ) /nḍu/ ସାଧାରଣତଃ ନା, ନାହିଁ, ନୁହେଁ ଇତ୍ୟାଦି ଅର୍ଥରେ ଏହାର ପ୍ରୟୋଗ ହୁଏ । ଯଥା—
ଏହା ଭଲ ନୁହେଁ—kxm bol nḍu;
ଖାଇବୁ କି ନାହିଁ - na — coŋ - e re nḍu;
ନା, ଖାଇବ ନାହିଁ - nḍu, n - a - coŋ

(ଖ) /ma/ ଅସମାପିକା କ୍ରିୟାରେ ଲାଗେ । ଯଥା—ma - coŋ ma - ug we - ge (ନ ଖାଇ ନ ପିଇ ଚାଲିଗଲା)

(ଗ) /namuˀ/ ସାଧାରଣତଃ ବାରଣ କରିବା ଅର୍ଥରେ 'ନା', 'କରନା' ଭଳି ପ୍ରୟୋଗ କରାଯାଏ ।

(ଘ) /bia/ ଏହା ଏକ ନଞ୍‌ଯୁକ୍ତ କ୍ରିୟାପଦ, ଅର୍ଥ - ନାସ୍ତି କରିବା । ଯଥା—
ମୁଁ ମନା କଲି - nxŋ m - bia - ke;
ସେ ନାହିଁ କହିଲା—mx bia ḍiŋ - ke;
ସେ ମନା କଲା ନାହିଁ—mx a - bia - ke ଇତ୍ୟାଦି ।

## (୯) ସହାୟକ ପ୍ରତ୍ୟୟ :

ସମାପିକା କ୍ରିୟାପଦ ସହିତ ବିଶେଷ ବିଶେଷ ସୂକ୍ଷ୍ମାର୍ଥ ପ୍ରକାଶ କରିବାକୁ ନାନା ଧରଣର ପ୍ରତ୍ୟୟମାନ ସଂଯୋଗ କରାଯାଏ । ଦୃଷ୍ଟାନ୍ତ ସ୍ୱରୂପ, କେତେକ ଏହି ଧରଣର ପ୍ରତ୍ୟୟର ତାଲିକା ଓ ବ୍ୟବହାର ବିଧି ନିମ୍ନରେ ପ୍ରଦତ୍ତ ହେଲା ।

- cawaʔ (ଅନୁରୋଧାତ୍ମକ) ଆଦେଶ ବାଚକ କ୍ରିୟା ପଦର ପୂର୍ବରୁ ଲାଗେ ।
  (cawaʔ na – ko – la – ଟିକିଏ ବସ)
- car (କର୍ମର ବହୁତ୍ୱ ସୂଚକ) ପୁରୁଷ-ବଚନ ପୂର୍ବରୁ ଲାଗେ ।
  (rkoʔ big – car – ke – ଗୁଡ଼ିକ ଭୁଶିଦେଲି)
- har (କର୍ତ୍ତାର ବହୁତ୍ୱ ସୂଚକ) ପୁରୁଷ-ବଚନ ପୂର୍ବରୁ ଲାଗେ ।
  (myhiŋ coŋ – har – ke — ସେମାନେ ଖାଇଦେଲେ)
- hoeʔ (ଛଳନାପୂର୍ବକ କରିବା ସୂଚକ) କ୍ରିୟାପଦର ପୂର୍ବରୁ ଲାଗେ ।
  (hoeʔ – ḍulxg – ke – ବାହାନା କରି ଶୋଇଛି)
- teʔ /txʔ – (କ୍ରିୟାର ଅଭାବ ସୂଚକ) କ୍ରିୟାପଦର ପୂର୍ବରୁ ଲାଗେ ।
  (txʔ – tar – ke – ଏକାସାଙ୍ଗେ ବାହାରିଲେ)
- huŋ (ମିଶିକରି ହେବା) କ୍ରିୟାପଦର ପୂର୍ବରୁ ଲାଗେ ।
  (nuŋ – gweʔ – ge – ଘାରି ହୋଇ ମଲେ)
- ma (ମିଶାଇ କରିବା) କ୍ରିୟାପଦର ପୂର୍ବରୁ ଲାଗେ ।
  (kia dira ma – big – car – ke – ଧାନ ମାଣ୍ଡିଆ ମିଶାଇ ଏକାଠି ଭୁଶିଦେଲି)
- ho – (ପାରସ୍ପରିକତାବୋଧ କରିବା) କ୍ରିୟାପଦ ପୂର୍ବରୁ ଲାଗେ ।
  (mx – pa ho – ko nḍo – ke – ଦୁହେଁ କୁସ୍ତାକୁସ୍ତି ହେଲେ)

ଏହି ପ୍ରତ୍ୟୟ ଲାଗିଲେ କେତେକ ଧ୍ୱନିଗତ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ । କେତେକ ସ୍ଥଳରେ – m – ଆଗମ ହୁଏ । ଯଥା— cmoŋ (ଟିପାଟିପି), ṭmiŋ (ବିକାବିକି), kme (ଦେଖାଦେଖି), smiʔ (ହଣାହଣି), ଯଦି – b – ଆଦ୍ୟ ଅକ୍ଷର ହୋଇଥିଲେ ତାହା ମଧ୍ୟ – m ହୋଇଯାଏ, ଯଥା—mmiʔ (ଧରାଧରି), mmog (ପିଟାପିଟି), ଯଥାକ୍ରମେ biʔ (ଧରିବା), bog (ପିଟିବା) ଧାତୁରୁ ନିଷ୍ପନ୍ନ ।

ପୁନଶ୍ଚ କେତେକ ସ୍ଥଳରେ ଏକାଧିକ ଧାତୁ ପୁନରୁକ୍ତ ହୁଏ । ଯଥା—ho – s – saʔ – ti (ହାତ ଧରାଧରି), ho – l – lwaʔ (ଗୋଡ଼ାଗୋଡ଼ି), ho – l – loʔ (ଦଳେ ପଛାପଛି) ।

ଏହି କେତେକ ସ୍ଥିତି ସ୍ଥଳରେ ho – ppa – ti ଲାଗେ । ଯଥା—ho – ppa – ti aʔsi (ପରସ୍ପରକୁ ଦେଖାଇ ଦେବା), ho – ppa – ti wir (ପରସ୍ପର ଦେଖିବା) ।

sxŋ (ସମାନ ସମାନ ଭାବେ ପରସ୍ପରେ ପ୍ରତି କରିବା) ।

ଏହି ପ୍ରତ୍ୟୟ ଲାଗିଲେ କ୍ରିୟାର ପୁନଃ ପ୍ରୟୋଗ ହୁଏ । ଯଥା—sxŋ bṭo bṭo - ke (ପରସ୍ପର ପରସ୍ପରକୁ ଡାକିଲେ), sxŋ ho? ho? ke (ପରସ୍ପର ଧାଇଁ କାନ୍ଦିଲେ), sxŋ kuṛe kuṛe ke (ପରସ୍ପରକୁ ଭେଟିଲେ) ।

କେତେକ ସ୍ଥଳରେ sxŋ - smo ଲାଗେ । ଏହାର ତାତ୍ପର୍ଯ୍ୟ ମୁହାଁମୁହିଁ ଭାବରେ କରିବା ଭଳି ପ୍ରତୀତ ହୁଏ । ଯଥା—sxŋ - smo ko ke (ମୁହାଁମୁହିଁ ବସିଲେ), sxŋ - smo kure - ke (ମୁହାଁମୁହିଁ ଭେଟିଲେ) । ।

- ṛeḍe (ପ୍ରଶ୍ନବାଚକ) ପୁରୁଷ-ବଚନ ପରେ ସର୍ବଶେଷରେ ଲାଗେ । (naug - e - ṛe - ତୁ ପିଇବୁ କି ?)

## (୧୦) ଅସମାପିକା କ୍ରିୟା :

ବଡ଼ ବଡ଼ ବାକ୍ୟରେ ଏକା ଥରକରେ ଏକାଧିକ କାର୍ଯ୍ୟର କଥା କୁହାଯାଏ । ଏଥିରେ ପ୍ରଧାନ ବା ଶେଷ କାର୍ଯ୍ୟଟି ସମାପିକା କ୍ରିୟା ରୂପରେ ରହେ । ଅନ୍ୟାନ୍ୟ କାର୍ଯ୍ୟ ଅସମାପିକା ରୂପରେ ରହେ । କିପରି ବିଭିନ୍ନ ଧରଣରେ ଅସମାପିକା କ୍ରିୟା ଗଠିତ ହୁଏ ତାହାର ଦୃଷ୍ଟାନ୍ତ ନିମ୍ନରେ ପ୍ରଦତ୍ତ ହେଲା । ଏହାର ଗଠନ ସୂତ୍ର —— ଧାତୁ + ପ୍ରତ୍ୟୟ ।

- la (ସର୍ତ୍ତସୂଚକ) mx coŋ - la bole ḍa - e (ସେ ଖାଇଲେ ଭଲ ହେବନ)
- ce (କ୍ରମିକ କାର୍ଯ୍ୟର ସମ୍ପାଦନସୂଚକ) mx coŋ - ce we - ge (ସେ ଖାଇକରି ଗଲା)
- ḍak - ce (ହେତୁସୂଚକ, 'ବୋଲି') mx bi?e ḍak - ce basoŋ - ke (ସେ ଦେବ ବୋଲି କହିଲା)
- hnor (ଏକାଧିକ କାର୍ଯ୍ୟର ସମକାଳୀନତାସୂଚକ) na c - coŋ - hnoṛ - mx paŋ - ke (ତୁ ଖାଉଥିଲାବେଳେ ସେ ଆସିଲା)
- kuṭa (କାର୍ଯ୍ୟର ଅସମାପ୍ତିସୂଚକ) nama - ke - kuṭa mx gwe? - ge (ମୁଁ ନ ଦେଖୁଣୁ ସେ ମରିଗଲା)
- ne (କ୍ରିୟା ବିଶେଷ୍ୟ) c - coŋ - ne (ଖାଇବା) behar - ne (ବସିବା)
- k(c) ne (କ୍ରିୟାଜାତ ବିଶେଷଣ) behar - kne (ବସା)

## ନମୁନା କ୍ରିୟା ରୂପାବଳୀ

ଧାତୁ : coŋ (ଖାଇବା) ପୁରୁଷ : ୧ମ ଓ ୩ୟ; ବଚନ : ଏକ

| | ସାମାନ୍ୟ | | ଅସମ୍ପନ୍ନ | | ସମ୍ପନ୍ନ | |
|---|---|---|---|---|---|---|
| | ୧ମ | ୩ୟ | ୧ମ | ୩ୟ | ୧ମ | ୩ୟ |
| **ଅତୀତ କାଳ :** | | | | | | |
| (କ) ଅସ୍ତିବାଚକ | n – coŋ – ke/ge | coŋ – ke/ge | c – coŋ – ḍiŋ – ge | c – coŋ ḍiŋ – ge | coŋn – lxˀ – ge | coŋ lŋ – ge |
| (ଖ) ନାସ୍ତିବାଚକ | n – a coŋ – ke | a coŋ – ke | coŋn – aḍiŋ – ge | coŋ – adiŋ – ge | coŋn – alxˀ – ke | coŋ – alxˀ – ke |
| (ଗ) ପ୍ରେରଣାର୍ଥକ | n – aˀcoŋ – ke/ge | aˀcoŋ – ke/ge | aˀcoŋn – diŋ – ge | aˀcoŋ – ḍiŋ – ge | aˀcoŋ – m – bo – ke | aˀcoŋ – bo – ke |
| (ଘ) ନାସ୍ତିବାଚକ | naraˀ coŋ – ke | araˀcoŋke | aˀcoŋnaḍiŋ – ge | aˀcoŋ – aḍiŋ – ge | aˀcoŋnambo – ke | aˀcoŋabo – ke |
| **ଭବିଷ୍ୟତ କାଳ :** | | | | | | |
| (କ) ଅସ୍ତିବାଚକ | n – coŋ – e | coŋ – e | c – coŋnḍiŋ – e | c – coŋḍiŋ – e | con – n – lxˀ – e | coŋ lxˀ – e |
| (ଖ) ନାସ୍ତିବାଚକ | n – acoŋ | acoŋ | c – coŋn – aḍiŋ | c – coŋaḍiŋ | coŋn – alxˀ | coŋalxˀ |
| (ଗ) ପ୍ରେରଣାର୍ଥକ | n – aˀcoŋ – e | aˀcoŋ – e | aˀcoŋn – ḍiŋ – e | aˀcoŋḍiŋ – e | aˀcoŋm – bo – e | aˀcaŋbo – e |
| (ଘ) ନାସ୍ତିବାଚକ | n – araˀcoŋ | a – raˀcoŋ | aˀcoŋn – aḍiŋ | aˀcoŋaḍiŋ | aˀcoŋ – n – abo | aˀcoŋabo |

**ବର୍ତ୍ତମାନ କାଳ :**

| | ସାମାନ୍ୟ | | ଅସଂପନ୍ନ | | ସମ୍ପନ୍ନ | |
|---|---|---|---|---|---|---|
| | ୧ମ | ୩ୟ | ୧ମ | ୩ୟ | ୧ମ | ୩ୟ |
| (କ) ଅସ୍ତିବାଚକ | c – coŋ m – miaʔ – ke | c – oŋmiaʔ – ke | coŋn – ḍiŋ – ke | c'coŋḍiŋ – ke | coŋ – lxʔ – ke | coŋ lxʔ ke |
| (ଖ) ନାସ୍ତିବାଚକ | c – coŋ n – amiaʔ – ke | ccoŋ amiaʔ – ke | coŋ – n – aḍiŋ – ke | c – coŋ aḍin – ke | coŋ nalxʔ – ke | coŋa lxʔ – ke |
| (ଗ) ପ୍ରେରଣାର୍ଥକ | aʔcoŋ m – mia – ke | aʔcoŋ miaʔ ke | aʔcoŋ n – ḍiŋ – ke | aʔcoŋ ḍiŋ ke | aʔcoŋ m – bo – ke | aʔcoŋ bo – ke |
| (ଘ) ନାସ୍ତିବାଚକ | aʔcoŋ n – a miaʔ – ke | aʔcoŋ a miaʔ ke | aʔcoŋ – n – a ḍiŋ – ke | aʔcoŋ aḍiŋ ke | aʔcoŋ n – amboke | aʔcoŋ abo ke |

**ସର୍ତ୍ତମୂଳକ ଭାବ :**

| | | | | | | |
|---|---|---|---|---|---|---|
